ସାପ୍ତାହିକ
Postal Regd. No.: SBP/RN-01/2022-2024

# ସ୍ୱୀକାର

The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94

Vol.28 | Issue - 36 | 8 - 14 September 2024 | Sambalpur | Pages- 8 | Invitation Price Rs.10


सत्यमेव जयते





## ନୂଆଁଖାଇ-୨୦୨୪ ଅବସରରେ
## ମାନ୍ୟବର ରାଜ୍ୟପାଳଙ୍କ
## ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ "ନୂଆଁଖାଇ" ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)

ଓଡ଼ିଶା ସରକାର





## ନୂଆଁଖାଇ ତିହାର୍ ଲାଗି
## ମୁଖ୍ୟମନ୍ତ୍ରୀଙ୍କର୍ ଅଭିନନ୍ଦନ୍

ପଶ୍ଚିମ୍ ଓଡ଼ିଶାର୍ ବଡ୍‌ଖା ତିହାର୍ ନୂଆଁଖାଇ ଲାଗି ସମ୍‌କୁ ମୋର୍ ନୂଆଁଖାଇ ଜୁହାର୍, ଶୁଭେଚ୍ଛା ଆର୍ ଅଭିନନ୍ଦନ୍ । ମାଁ ସମଲେଇଂକର୍ ଅପାର୍ କୃପାନୁ ଧରତୀ ମାଁ ଶସ୍ୟ ଶ୍ୟାମଳା ହଉ । ସମସ୍ତଙ୍କର୍ ଜୀବନ୍ ସୁଖ୍, ଶାନ୍ତି ଆର୍ ସମୃଦ୍ଧିଥି ଭରିଯାଉ, ଇଟା ହିଁ ମୋର କାମ୍‌ନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା


୨ ପୃଷ୍ଠାରେ...


ସାସ୍ଥ୍ୟ ପାଇଁ ଭଲ ଅଖରୋଟ୍


ଦେହ ପାଇଁ ଭଲ ସେଓ


ଏସିଡିଟିରୁ ମୁକ୍ତିଦିଏ କଳାଜିରା


ମଧୁମେହ ଦୂରକରେ ଛତୁ


ସାସ୍ଥ୍ୟ ପାଇଁ ଲାଭକାରୀ କେତେ ଜିନିଷ


ବାଇଗଣର ଉପକାରିତା



## ଆସିଛେରେ 'ନୂଆଁଖାଇ'

**ଶ୍ୟାମ ସୁନ୍ଦର ମିଶ୍ର**

ଆସ ଆସ ମୋର୍ ଭାଇ ମାନେ ହୋ ମାନ୍‌ମାଁ ନୂଆଖାଇ
ବରଷ୍‌ଟାକର୍ ପଛେ ଆସିଛେରେ ଗହମହ ହେଇ ।
ଘର ଦୁଆର୍ ଜାଲି ଲାଠି ମାନ୍‌କେ ଦେମା ସଫା କରି
ଯୋର୍ ଖଣ୍ଡିର ଛୁଇ ମାଏଟ୍ ଆନି ଲିପ୍‌ମା କାନ୍ଥିକୁଢ଼ି
ସଫା ସୁତର୍ କରି ନେମା ଘରର୍ ଚାରିକୁତି
ଘର ଦୁଆର୍ ପିଣ୍ଡାକେ ଗୁବ୍‌ରେ ଦେମା ଲିପି ।
ଦେବ୍‌ତା ଦେବତୀମାନଙ୍କର ଫଟୁ କାନ୍ଥି ଚିତ୍‌ରିଦେମା
ଗରିଆ କଲସ୍ ଆମଡାଲ ଦେଇ ଦୁଆରେ ବସାମା ।
ଅରୁଆ ଚାଉଲ୍ ବାଟି, ଝୁଟି ବାଟେ ପକେଇ ଦେମା
ଗାଁ ଦେବତୀର ନାମେ ମାଗୋ ହୁଲହୁଲି ଦେଇ ଦେମା ।
ଭୁଦୋ ମାସର୍ ଉଜଲ୍ ପଏକ୍ଷ ପଞ୍ଚମି ତିଥି ଭାଇ
ସମ୍ବଲପୁରର୍ ପଣ୍ଡିତ୍ ମାନେ ଲଗନ୍ ଦେଲେ ବହରେଇ ।
ବଡ୍ ପୋ ବହ ସହରେ ଅଛନ୍ କରୁଛନ୍ ଚାକିରି
ଖବର ଦେମା ଆଏବେ ସଭେ ନାତି ନାତେନ୍ ଧରି ।
ଘର ଦୁଆର ବନ୍ଧ ଚାରିଆଡେ ବାନ୍ଧିନେମା ରାକ୍ଷୀ
ଗାଏ ଦାମୁର ସମକର ସିଂଘେ ବାନ୍ଧିଦେମା ଦେବତା ରଖିସାକ୍ଷୀ ।
ଝାଙ୍କର୍ କେ ଯେ ବରିନେମା ଅଢ଼ିଆ ଦେମା ଥୁଇ
ଚାଉଲ୍ ଦାଏଲ୍ ଘି ଆଲୁ ମାଖନ୍ ବାଏଗନ୍ ଦେଇ ।
ବେର୍‌ନା ଖେତର ପାଚଲା କେଣ୍ଡା ଧାନ୍‌ଧରି କରି
ଝାଙ୍କର ପହେଲା ଦେବା ସମ୍‌କୁ କୁରେ ପତ୍‌ରେ ଭରି ।
ଘରର ମୁଖିଆ ଆଘର୍ ହାତେ ରାକ୍ଷୀ ପିନ୍ଧେଇ କରି
ଆଶିରବାଦ୍ ମାନ୍ ଦେଉଥିବେ ଖୁସି ମନେ ଭରି ।
ନୂଆଁ ଧାନର୍ ଚାଉଲ୍‌କେ ନେମା ପୂଜା କରି
ସମଲେଈ ମାଁକେ ଚଢ଼େଇ ଦେମା ମିଶେଇ କ୍ଷୀରିପୁରୀ ।
ଘରର ମୁର୍ ଧୁନିଆ ପହେଲେ ପାଏବେ ପଛେ ଆମେ ନେମା
ଝନ୍ ଝନ୍ କରି ସଭେଁ ମିଶି ନୂଆଁ ଖାଇଦେମା ।
କୁଟୁମ୍ ବଏସିରା ମିଳିମିଶି ନୂଆଁ କପଟାପିନ୍ଧି
ଗହମହ ହେଇ ସଭେ ମିଶିମାନ୍‌ମା ନୂଆଁଖାଇ ।
ବଡ଼ମାନକର ପାଦତଲେ ମୁଡିଆ ମାରି ନେମା
ବହ ଭୁଆସେନ୍ ଉଲ୍‌ଗି ହେବେ ଭକ୍ତି ଭାବେ ସିନା ।
ତଲିବାହାଲର ଚିନାମାଲି ଧାନ୍ ଅଲୁଆ ଚାଉଲ୍ କରମା
ଘନାମାଲର୍ ସଂପୁର ମୁଗ୍‌କେ ଘନା ହାଣ୍ଡିଥି ଭାଜ୍‌ମା
ଭାତ୍ ଦାଏଲ୍ କେ ରାନ୍ଧିକରି ଅଲଗା ରଖିଦେମା
ସବୁ ରାନ୍ଧି ସାଏଲା ପରେ ମାହାପୁରୁକେ ଚଢ଼ାମା ।
ଠୁଣ୍ଟି ବାଏଗନ୍ ମାଖନ୍ ସାଙ୍ଗେ ଝୁନଗାମୁନଗା ଦେଇ
କଞ୍ଚା କଦେଲ୍ ଆଲୁ ସଙ୍ଗେ ଧୋବଚନା ମୁଠେ ପକେଇ
କେତେ ସୁନ୍ଦର ମିଶା ଗୁଲା ତରକାରି ଯିବା ହେଇ ।
ମହକୁ ଥିବା ଗାଁର୍ ଖୁଇଲ୍ ମହମହ କରି ହେଇ
ସାରୁ ବାଏଗନ୍ ମାଖନ୍ ସଙ୍ଗେ କରଡି ମୁଠେ ଦେଇ
ଠକ୍‌ରା ଆମ୍ବୁଲ୍ ଆମ୍ବିଲ୍ ରାନ୍ଧମା ଚୁନାଟିକେ ଦେଇ ।
ହେଣ୍ଡୁଆ ସାଙ୍ଗେ ମେର୍‌ସିଂଘା ପତର୍ ମୁଠେ ନେଇ କରି
ପରଚି ନେମା ସୁର୍‌ଷୋ ମୁଠେ ଯାଉଥିବା କହଁରି ।
ଢ଼େକିକୁଟା ଅରୁଆ ଚାଉଲ୍‌ର କରି ନେମା ଚୁନା
ଯତନି ବନେଇ ମଡା ଆର୍‌ଷା ପିଠା ଛାନି ଦେମା ।
ବଉଲା ଗାଏର୍ ଗୁରଷ୍ ଥି ଯେ ବନେଇ ଦେମା କ୍ଷୀରି
ଅଟା ଚିଟ୍‌କି ତାର ସଙ୍ଗେ ବନେଇ ନେମା ପୁରୀ ।
କଂସା ଥାଲି ଗିନା ଥି ଯେ ମାଁ କେ ବଢ଼େଇ ଦେମା
ତାହେରୁ ପାଇ ସର୍‌ଗି ଖଲି ଦନା କେ ପକାମା
କୁଟୁମ୍ ବଏସିରା ଏକାଠାନେ ମିଶିକରି ଖାଏମା ।
ମିତା ମାହାର୍‌ସାତ୍ ପାଖେଥିଲେ ତାହାକୁ ଭି ଡାକି ଦେମା
ଖାଇ ସାରଲେ ଦୁଇ ପହରେ ତାସେ ମାତିଯିମା ।
ବହ ଭୁଆସେନ୍ ଛକା ଖେଲବେ କଉଡି ବିଛେଇ କିନା
ଗୁଡିବର୍‌ଗା ହେଲା ପରେ ବନସ୍ ପତରା ଜିମା ।
କବାଡି ଖେଳେ ଦୁଇ ଭାଗ ହେଇ ଛନ୍ଦେ ଭିଡିଯିମା
ବେଲ୍ ବୁଡଲେ ଗାଁର ଖୁଲି ଡାଲଖାଇ ସମ୍ବଲପୁରୀ
ଗୀତ୍‌ଗାଇ କରି ନାଚୁଥିବା କିନ୍ଦରି କିନ୍ଦରି ।
ରାଗ୍ ରୁଷାଫୁଲା ସବୁକେ ଦେମା ତ ପାସ୍‌ରି
ନୂଆଁଖାଇ କେ ମାନ୍‌ମା ଆମେ ଗହମହ ହେଇକରି
ସମଲେଇ ମାଁ ସାହା ହେଇଥିବେ ଆମକୁ ସବୁବେଲେ
ଆଉ ବରଷ ଫେର ମାନମା ଜିଇଁ ଜାଗିଥିଲେ ।
ତୋର୍ ଛୁଆପିଲା ଆମେ ସମଲେଇ ମାଁ ମାଫ୍ କରିନେବୁ
ଦୀନହୀନ ଶ୍ୟାମ ସୁନ୍ଦର ଗୀତ୍ ଲେଖିଲା ଦୋଷ ନାଏଁ ଧରବୁ ।

**ଗୁରୁପାଲି, ଶାସନ,**
**ସମ୍ବଲପୁର**

# ମହାନପର୍ବ 'ନୂଆଁଖାଇ ତିହାର'

**ପଣ୍ଡିତ ନାମଯଜ୍ଞ ମିଶ୍ର**

**ସ**ମଗ୍ର ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶାର କେତେକାଂଶ ଓ ଛତିଶଗଡ଼ର ପୂର୍ବାଞ୍ଚଳରେ ପରଂପରା କ୍ରମେ 'ନବାନ୍ନ ଭକ୍ଷଣ ପର୍ବ ବା ନୂଆଁଖାଇ ତିହାର ଅତ୍ୟନ୍ତ ଜାକ୍ ଯମକରେ ପାଳିତ ହୋଇ ଆସୁଅଛି, କାହିଁ କେଉଁ ଦିନରୁ ତାହାର କଳନା କରିହେବ ନାହିଁ । ଏହା ଏହି ଅଞ୍ଚଳର ଏକ ସାମାଜିକ ଗଣପର୍ବ । ଏହା କୃଷିଭିତିକ, ସମାଜବାଦୀ ତତ୍ତ୍ୱଯୁକ୍ତ, ଧର୍ମ ନିରପେକ୍ଷ ଓ ବସୁଧୈବ କୁଟୁମ୍ବ" ଚେତନା ଉଦ୍ରେକକାରୀ ମହାନପର୍ବ ଅଟେ ।

ପୁରାଣ ଅନୁସାରେ ବ୍ରହ୍ମା ଏକ ସଙ୍ଗରେ ଚତୁର୍ବେଦ ସୃଷ୍ଟି କରିଥିଲେ ବୋଲି କୁହାଯାଏ । ମାତ୍ର ଆଦିମାନବର ବିକାଶ ପଥରେ ଏହି ଚତୁର୍ବେଦ ମାନବର ଚାହିଦା ଅନୁସାରେ ଅଲଗା ଅଲଗା କାଳରେ ଏହି ବେଦ ଚତୁଷ୍ଟୟର ଧରାବତରଣ ହୋଇଥିବା ଅନୁମେୟ । ଆଦିକାଳରେ ପ୍ରଥମେ 'ଅଗ୍ନି' (ଅଗ୍ନିମିଳେ ପୁରୋହିତଂ ଋଗ୍‌ବେଦ) ର ଉପାସନା ତତ୍‌ପରବର୍ତ୍ତି ସାମବେଦ କାଳରେ ମଧ ସେଇ ଅଗ୍ନି (ଅଗ୍ନି ଆୟାହି ବିତୟେ ଗୁଣାନୋହବ୍ୟ ଦାତୟେନି ହୋତା ସସ୍ଵିବହଷି - ସାମଦେବ) ମୁଖ୍ୟ ଦେବ ଭାବରେ ଉପାସିତ ଥିଲେ । କ୍ରମଶଃ ସୂର୍ଯ୍ୟ ସକଳ ଶକ୍ତିର ଆଧାର ଜ୍ଞାନୋଦୟ ଉତ୍ତାରେ 'ସୂର୍ଯ୍ୟ' ମୁଖ୍ୟଦେବତା ଭାବେ ଉପାସିତ ହେଲେ (ଇଷେ ତୌର୍ଯ୍ୟେତ୍ୱା ବାୟରସ୍ଥ ଦେବୋବଃ ସବିତା ପ୍ରାପୟନ୍ତୁ - ଯର୍ଜୁବେଦ) ଏହି ସମୟକୁ କୃଷି ସଭ୍ୟତା ବିକଶିତ ହୋଇ ସାରିଥିଲା । ତେଣୁ ଉକ୍ତ ଶ୍ଳୋକରେ କୁହାଯାଇଛି 'ହେ ଓ ମାନବ ସର୍ବୋପରି କାରକ ଦେବ ସବିତା ଅନ୍ନ ଉତ୍ପାଦନ ପାଇଁ ତୋତେ ପ୍ରେରିତ କରନ୍ତୁ । କୃଷିପାଇଁ ଜଳର ନିତାନ୍ତ ଆବଶ୍ୟକତା ଓ ସର୍ବକର୍ମରେ ଜଳର ଚାହିଦା ହେତୁ ପରବର୍ତ୍ତୀ ଅଥର୍ବବେଦ କାଳରେ ଜଳଦେବୀ (ପରେ 'ବରୁଣ') ମୁଖ୍ୟ ଉପାସିତ ହେଲେ । (ଶନ୍ନୋଦେବୀ ଅଭିଷ୍ଟୟ ଆପୋଭବନ୍ତୁ ପ୍ରୀତୟେ- ଅଥର୍ବବେଦ । 'ହେ ଦେବୀ ଜଳସ୍ୱରୂପା । ଇଷ୍ଟ ପ୍ରାପ୍ତି ଦିଅ । ସୁଖ ଓ ସନ୍ତୋଷର ସ୍ରୋତ ପ୍ରବାହକର ।" ଏହାର ପରବର୍ତ୍ତୀ କାଳରେ ଦେବୀ ଉପାସିତା ହେଲେ ତ୍ରିବିଧା ଭାବରେ 'ଭୂ, ଇଡା, ସରସ୍ୱତୀ' ଭାବରେ । ମାନବ ଜୀବନର ଏହା କୃଷି ବାଣିଜ୍ୟ, ଶିକ୍ଷା ସଂସ୍କୃତି ଓ କଳାବିଜ୍ଞାନର ଉତ୍ଥାନର ମହନୀୟ କାଳ, ଏହି ସମୟରୁ "ଭୁଦେବୀ ପୂଜନର ଆରମ୍ଭ । ଶିକ୍ଷିତ ସଭ୍ୟ ଜନତା ମନ୍ତ୍ରରେ ଉପାସନା କଲାବେଳେ ଅଶିକ୍ଷିତ ବନବାସୀ 'ଧରନୀଖୁଣ୍ଟା" ଟିଏ ପୋତି ଦେଇ ମାଟି ମାଆର ପୂଜନ ଆରମ୍ଭ କଲା । ଏହି ଧାରଣାମାତାର ପୂଜା ଓ ଶକ୍ତି ପୂଜା (Workship of phalicember) ଉପାସନା କ୍ରମରେ ନୂଆଫଳ, ନୂଆ ଶସ୍ୟ ପ୍ରଥମେ ତାକୁ କୃତଜ୍ଞତା ସ୍ୱରୂପ ଅର୍ପଣ କରି ମାନବ ନିଜେ ଉପଭୋଗ କରିବା ଶିଖିଲା । କୃଷି ଭିତ୍ତିକ ସମାଜରେ ଏହି କ୍ରମରେ ନୂଆଁଖାଇ ପର୍ବର ସୃଷ୍ଟି ହୋଇଛି । ମାଟି ମାଆର ଦାନ ପାଇଁ ମନୁଷ୍ୟ ମାଟିର ବନ୍ଧନ ମାଟିର ମମତା ଓ " ବାପ୍ ଭଗବାନ ମାଏଟ ଆମର ମାଆଁ" ଚିନ୍ତା ଧାରାରୁ କ୍ରମଶଃ ବସୁ ଧୈବ କୁଟୁମ୍ବକମ୍" ଭାବନାର ଜାଗୃତି ତେଣୁ ମିଳିମିଶି ବାଣ୍ଟିଖାଇ ପରସ୍ପର ଭାଇଚାରା ବନ୍ଧନରେ ନିହିତ ହୋଇ "ନୂଆଁଖାଇ ଭେଟ୍ ଘାଟ" ଉତ୍ସବ ପାଳିବାର ଚେତନା ଆସିଲା ।

ନୂଆଁଖାଇ ଦିନ ପ୍ରତ୍ୟେକ କୃଷକ ଗ୍ରହସ୍ଥ କ୍ଷେତକୁ ଯାଇ ସ୍ନାନାନ୍ତେ ବିଲରେ ଭୂ ଦେବୀଙ୍କୁ କ୍ଷୀର ତଣ୍ଡୁଳ ଦେଇ ପୂଜା କରେ ଓ କିଛି ନୂଆଁଧାନ କେଣ୍ଡା ଧରିଆସେ । ଏହି ଧାନକୁ ଭାଜି କୁଟି ପଞ୍ଚାମୃତ ମିଶାଇ 'ନୁଆଁକୁଣ୍ଡା' ପ୍ରସ୍ତୁତ କରାଯାଏ ଓ କ୍ଷୀରୀ, ପୁରୀ ଆଦି ମିଷ୍ଟାନ୍ନ ସହ ଭୋଗବାଡ଼ି ଘର ଦେବାଦେବୀଙ୍କୁ ଲାଗି କରାଯାଏ । ଏହା ପୂର୍ବରୁ ଗ୍ରାମଦେବୀ, ନଗର ଦେବୀ ଓ ରାଜ୍ୟର ଇଷ୍ଟ ଦେବୀଙ୍କ ନିକଟକୁ ପୂଜକ ମାନେ ଏଭଳି ଭୋଗ ପ୍ରସ୍ତୁତ କରି ଘଣ୍ଟ ଘଣ୍ଟା ବାଦ୍ୟ ସହ 'ପହୁର' ଭାବରେ ନେଇ ନୁଆଁଲଗାଇ ସାରିଥାନ୍ତି । ଏହା ଜାଣିଲାପରେ ପ୍ରତ୍ୟେକ ଘରେ କୁଳ କୁଟୁମ୍ବ ଏକତ୍ର ସଭିଏଁ ବସନ୍ତି ଓ 'କୂଳବୃଦ୍ଧ' ସମସ୍ତଙ୍କୁ 'ନୂଆଁ କୁଣ୍ଡା' ଭୋଗରୁ ଟେକାଏ ଲେଖାଏଁ କୁରେପତ୍ର । ସର୍ଗିପତ୍ର ବା ହଳଦୀ ପତ୍ର ରେ (ଯାର ଯାହା– ପରଂପରା ଅଛି) ବାଢ଼ି ପ୍ରଦାନକରନ୍ତି । ଏହାପରେ ସମସ୍ତେ ଏକାଠି ବସି ଅନ୍ନ ବ୍ୟଞ୍ଜନ, ପିଠା, ମିଠା, ଉଦର ଭରି ଭୂରିଭୋଜନ କଲାଉତ୍ତାରେ ବଡମାନଙ୍କୁ ପ୍ରଣାମ କରନ୍ତି । ବଡ଼ମାନେ ସାନମାନଙ୍କୁ ସସ୍ନେହ ସମାଦର କରିଆଶିଷ ପ୍ରଦାନକରନ୍ତି । କୌଣସି କୌଣସି ସ୍ଥାନରେ କେବଳ ଏକକ ପରିବାର ନୁହେଁ, ଏକ ବଂଶ, ଏକ ଗୋଷ୍ଠୀ ଏପରିକି ଗୋଷ୍ଠୀ ପରିବାର ଭିନ୍ନ ଭିନ୍ନ ହେଲେ ହେଁ ଏକ ଗ୍ରାମର ଲୋକେ ମିଶି ଏକାଠି 'ନବାନ୍ନ' ଭକ୍ଷଣ କରୁଥିବା ନଜିର ଅଛି । ଏପରି ସୁଳେ ଗ୍ରାମମୁଖ୍ୟ ଙ୍କୁ 'କୁଳବୃଦ୍ଧ' ଙ୍କ ଭୂମିକା ତୁଲାଇବାକୁ ପଡିଥାଏ । ନିର୍ଦ୍ଧାରିତ ନୁଆଁଖାଇ ତିଥିରେ ଗାଁ ବା ପଡାରେ କେହି ମୃତାହ ଅଶୁଦ୍ଧି ଗ୍ରସ୍ତ ହେଲେ ସମସ୍ତଙ୍କର ନୂଆଁଖାଇ ବନ୍ଦ ରହିଯାଏ ଓ ଉକ୍ତ ପରିବାରର ଶୁଦ୍ଧିପରେ ସଭିଏଁ ମିଶି ଏକଦିନ ନିର୍ବାଚିତ କରି ନୁଆଁଖାଇ ପାଳନ କରି ଥାଆନ୍ତି । ଏଥିରେ ଧର୍ମ, ଜାତି, କୂଳର ଅପେକ୍ଷା ନଥାଏ । 'ନୂଆଁଖାଇ' ର ଆଉ ଏକରୀତି ହେଲା, ନିଜ କୁଳ, ଗୋତ୍ରର ହେଉ ପଛକେ ଏକ ଅଞ୍ଚଳର ନୁଆଁଖାଇ ସାରିଥିବା ଲୋକଙ୍କ ସହ ନୂଆ ନଖାଇଥିବା ବ୍ୟକ୍ତିର ଚଳାଚଳ ମନା । ଏଣୁ ଦୁର ଦୁରାନ୍ତର ରୁ ପ୍ରବାସୀଜନ ଏହି ନୂଆଁଖାଇ ଦିନ ଘରକୁ ଫେରି 'ନୂଆଁଖାଇ' ରେ ସାମିଲ୍ ହୋଇଥାନ୍ତି । ଉକ୍ତ ଅଞ୍ଚଳସ୍ଥ ହିନ୍ଦୁ, ମୁସଲମାନ, ଜୈନ, ବୌଦ୍ଧ, ଖ୍ରୀଷ୍ଟିୟାନ ସବୁ ଧର୍ମର ଲୋକେ ଏ ତିହାରରେ ସାମିଲ ହୁଅନ୍ତି । ପାର୍ଥକ୍ୟ କେବଳ ଏହି ଯେ 'ନବାନ୍ନ' ଉତ୍ସର୍ଗ ନିଜ ନିଜ ଧର୍ମ ରୀତି ଅନୁଯାୟୀ ନିଜ ନିଜ ଇଷ୍ଟ ପ୍ରଭୁଙ୍କ ଠାରେ ନିବେଦନ କରି ପାଳନ୍ତି । ହିନ୍ଦୁ ନିଜ ଦେବାଦେବୀଙ୍କୁ, ମୁସଲମାନ୍ ଆଲ୍ଲା ଙ୍କୁ, ଖ୍ରୀଷ୍ଟିୟାନ ପ୍ରଭୁ ଯୀଶୁଙ୍କୁ, ନୂଆଁ ନୈବେଦ୍ୟ ତିହାର ପାଳନ କରନ୍ତି, ଜନଜାତିମାନେ ଏହାର ପୂର୍ବଦିନୁ ବୃକ୍ଷାଚ୍ଛାଦିତ ନିଭୃତ୍ ସ୍ଥାନରେ ମଦ ଓ କୁକୁଡା ବଳି ଦେଇ ପିତୃପୁରୁଷଙ୍କୁ ବରଣ କରି ଆଣିଥାନ୍ତି ଓ ନୂଆଁଖାଇ ଦିନ ପୂଜାକରି ନୁଆଁଖାଆନ୍ତି । କୁମ୍ଭୀପାଟିଆ ଧର୍ମାବଲମ୍ବୀ ଶ୍ରାବଣ ପୂର୍ଣ୍ଣିମାରେ ଅଲେଖ ପ୍ରଭୁଙ୍କୁ ନୁଆଁହାଣ୍ଡିରେ କ୍ଷୀରୀ, ପିଠା, ମିଷ୍ଟାନ୍ନ ସହ ନୁଆଁକୁଣ୍ଡା ମିଶାଇ 'ଅଲେଖପ୍ରଭୁ' କହି ଦୁଇହାତରେ ହାଣ୍ଡିକୁ ଧରି ଆକାଶଆଡକୁ ଟେକି ନୂଆଁ ଉତ୍ସର୍ଗକରି ପ୍ରାସାଦ ପାଇ ନୁଆଁଖିଆ କରନ୍ତି । ଏପରି ଭାବରେ ଦେଖିବାକୁ ଗଲେ ଏଇ ନୂଆଁଖାଇ ପର୍ବ ଧର୍ମନିରପେକ୍ଷ ସାର୍ବଜନୀନ ସାମାଜିକଗଣପର୍ବ ଅଟେ ଏଥିରେ ଦ୍ୱିମତ ନାହିଁ ।

ନୂଆଁଖାଇ ପର୍ବରେ ନୂତନ ବସ୍ତ୍ର ପରିଧାନ ଓ ନୁଆଁଖାଇ ଦିନ ଭୁରି ଭୋଜନ ସମସ୍ତଙ୍କର କାମ୍ୟ, ତେଣୁ ସମାଜର ଥିଲା ବାଲା ଲୋକେ ନଥିଲା ବାଲା ଲୋକଙ୍କୁ ଅଭାବ ମୁକ୍ତ କରିବାକୁ 'ପଡି ପ୍ରଥା'ର ପ୍ରଚଳନ ରହିଛି । ଏଣୁ ଏଦିନ ପୂର୍ବରୁ ଚାଉଳ ଡାଲି ପନିପରିବା, ନଡିଆ ନୁଆଁ ବସ୍ତ୍ର ଆଦି ପ୍ରତ୍ୟେକ ସମର୍ଥ ଗୃହସ୍ଥ ନିଜନିଜ ଅଞ୍ଚଳସ୍ତ ଦୁଃଖୀ, ଭିକାରୀ, ମୂଲିଆ, କର୍ମଚାରୀ, ବନ୍ଧୁ, ମଇତ୍ର, ଯୋଗୀ, ବ୍ରାହ୍ମଣ ଆଦିଙ୍କୁ ନୂଆଁଖୁଆ ପରିବାପଡି ବୋଲି ବଣ୍ଟନ କରିଥାନ୍ତି । ଏହା ଫଳରେ ଥିଲାବାଲା ମାନେ ନିଜେ ସଂପତ୍ତିର ମାଲିକ ନୁହନ୍ତି, ନ୍ୟାସୀ ଅଟନ୍ତି ଓ ତାଙ୍କ ଠାରେ ଥିବା ସଂପଦ ପ୍ରଭୂଦତ୍ତ ଏବଂ ଏଥୁରେ ସଭିଙ୍କର ଅଧିକାର ଅଛି, ଅନୁଭବ କରିଥାନ୍ତି । ସବୁକିଛି ଈଶ୍ୱରଙ୍କର, ସଭିଏଁ ଈଶ୍ୱରଙ୍କ ସନ୍ତାନ ତେଣୁ ଯାହାଅଛି ମିଶି ବାଣ୍ଟି ଉପଭୋଗ କରିବା " ଈଶା ବାସ୍ୟ ମିଦଂ ସର୍ବଂ ଜାୟତୌ ଜଗତ୍ୟାଜଗତ ତେନ ଠତ୍ୟଭେନ ଭୁଞ୍ଜିଥ ମାଗୃଦ୍ଧଂ କସ୍ୟଚିତ୍ ଧନମ' ଥିଲାବାଲା ନଥିଲା ବାଲା ସହ ମିଳିମିଶି ବାଣ୍ଟି ଉପଭୋଗ କଲେ କେହିଁ କାହାର ଧନକୁ ଲୋଭ କରିବନାହିଁ । ସମାଜରୁ ହିଂସା, କପଟ, ଯେରୀ ଡକାୟତ ଲୋପ ପାଇବ କି ସୁନ୍ଦର, କି ଚମତ୍କାର ' ସମାଜବାଦୀ' ଭାବନା ଏପର୍ବ ମୂଳରେ ନିହିତ ରହିଛି ।

ପ୍ରତ୍ୟେକ ପ୍ରାଣରେ ମାଆ ମାଟିର ମମତାର ବନ୍ଧନ, ପ୍ରତ୍ୟେକ ହୃଦୟ ରେ 'ବସୁଧୈବ କୁଟୁମ୍ବକମ୍' ର ଫଲ୍ଗୁ ପ୍ରବାହ ଓ ଆତ୍ମାର ମୋକ୍ଷ ନିମିତ୍ତ ଯେଉଁ 'ଆନନ୍ଦ ତତ୍ତ୍ୱ'ର ଆଲୋକ ଉତ୍ସର ବିଚ୍ଛୁରଣ ଆସେ ତାକୁ ଚରିତାର୍ଥ କରିବାପାଇଁ ନୁଆଁଖାଇର ଭେଟ ଘାଟ, ଉତ୍ସବ ପାଳିତ ହୋଇଥାଏ । ସକଳ ପ୍ରକାରର ଭେଦ,ଭାଦ, ହିଂସା, କପଟ, ଭୁଲି ଏକାକାର ହେବ । ପ୍ରେମ, ସୌହାର୍ଯ୍ୟ ଓ ଭାତୃଭାବ ରେ ଏ ଧରାରେ ସ୍ୱର୍ଗର ନନ୍ଦନ କାନନ ସୃଷ୍ଟି କରିବା ପାଇଁ ଏହି ଅଭିପ୍ରେତ । ତେଣୁ ନୂଆଁଖିଆ ପରେ ସମସ୍ତେ ସମାବେଶ ହୋଇ ନାଚ, ଗୀତ, କୀର୍ତ୍ତନ, ଖେଳ, ଜୁଦ ଆଦିରେ ମଜ୍ଜି ଯାଇ ଲୋକେ ଏ ତିହାର ପାଳନ କରିଥାନ୍ତି । ପଶ୍ଚିମ ଓଡିଶାର ଏହି ମହାନ ପର୍ବ ସହିତ ଅସୁମାରି ପୁରାଣ ଆଖ୍ୟାନ, କିମ୍ବଦନ୍ତୀ ଲୋକକଥା, ଲୋକଗୀତ, କଳା ସଂସ୍କୃତି ବିଜଡିତ । ତନ୍ମଧରେ ଲକ୍ଷ୍ମୀ ପାର୍ବତୀ କଳି, ଶିବଙ୍କ ଜମିରଷ, ଲକ୍ଷ୍ମୀ ପାର୍ବତୀ ମିଳନ ଓ ଧାନର ଜନ୍ମ କଥା ମୂଷିକାସୁର ବଧ, ଚକ୍ର ବେଣ ଚରିତ, ରାଜା କୁଶ, ହରିଶ୍ଚନ୍ଦ୍ର, ଯଜାତି ମାଧବ, ଦେବ କଥା, ରାବଣ ଓ କୌଶଲ୍ୟା କଥା ଆଜିବି ମୁଖର । ଏହା ସହିତ ଏଠାକାର ତୀର୍ଥସ୍ଥାନ ହରିଶଙ୍କର, ରାଣୀପୁର ଝରିଆଲର ସୋମତୀର୍ଥ ତଥା କେଶରୀ ବଂଶର ଇତିହାସକୁ ମଧ ଉନ୍ମୋଚିତ କରି ଆସୁଛି ।

**ବରପାଲିପଡ଼ା, ବଲାଙ୍ଗିର**

# ରାମାୟଣ କଥା : ରାକ୍ଷସ କୁଳ ଉତ୍ପତ୍ତିର ଇତିହାସ



ଡ଼ଃ ପ୍ରମୋଦ କୁମାର ପଣ୍ଡା

ପରଂପିତା ବ୍ରହ୍ମା ସୃଷ୍ଟି ସର୍ଜନା ପୂର୍ବରୁ ଜଳ ଓ ଜଳର ସୁରକ୍ଷା ସକାଶେ ଅନେକ ଜୀବଜନ୍ତୁ ସଂରଚନା କଲେ । କିଛି ଜୀବଜନ୍ତୁ ଜଳର ରକ୍ଷଣ ଓ ଅନ୍ୟ କେତେକ ଜଳର କ୍ଷଣ ପାଇଁ ତାଙ୍କର ସହମତି ପ୍ରଦାନ କଲେ । ଜଳର ରକ୍ଷଣ ଦାୟିତ୍ୱ ନେଇଥିବା ଜୀବଜନ୍ତୁ ରାକ୍ଷସ ଓ ଯକ୍ଷଣାଗ୍ରହୀ (ପୂଜନ) ଜୀବଜନ୍ତୁ ଯକ୍ଷ ରୂପେ ବିଦିତ ହେଲେ । ଅତ୍ୟନ୍ତ ବଳଶାଳୀ ଓ ପରାକ୍ରମୀ ରାକ୍ଷସ ଭ୍ରାତା ହେତି ଓ ପ୍ରହେତିକୁ ରାକ୍ଷସାଧିପତିର ମାନ୍ୟତା ପ୍ରାପ୍ତ ହୋଇଥିଲା । ଧର୍ମାତ୍ମା ସ୍ୱଭାବଯୁକ୍ତ ପ୍ରହେତି ବନଗାମୀ ହୋଇ ତପସ୍ୟାରତ ହେଲା । ହେତି କାଳର ଭଉଣୀ ଭୟାକୁ ବିବାହ କରି ଗୃହସ୍ଥ ଜୀବନଯାପନ କଲା । କାଳକ୍ରମେ ହେତି ଓ ଭୟାଙ୍କ ବିଦ୍ୟୁତକେଶ ନାମକ ଏକ ପୁତ୍ର ଜାତ ହେଲା । ଯୁବାବସ୍ଥା ଉପସ୍ଥିତ ହୁଅନ୍ତେ ବିଦ୍ୟୁତକେଶ ସନ୍ଧ୍ୟାପୁତ୍ରୀ ସାଲକଣ୍ଟକଟାକୁ ବିବାହ କଲା । ବିବାହ ପରେ ଉଭୟ ରାକ୍ଷସ ପତିପତ୍ନୀ ବିହାର ନିମନ୍ତେ ଜଙ୍ଗଲକୁ ପ୍ରସ୍ଥାନ କଲେ । ମନ୍ଦରାଚଳ ପର୍ବତରେ ଅବସ୍ଥାନ କାଳରେ ସାଲକଣ୍ଟକଟା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଲା । ପରନ୍ତୁ ସ୍ୱାମୀଙ୍କ ସହିତ ରତିକ୍ରୀଡା ପାଇଁ ଅନ୍ୟ ସ୍ଥାନକୁ ପ୍ରସ୍ଥାନାନ୍ତେ ସଦ୍ୟଜାତ ଶିଶୁପୁତ୍ର କଥା ଉଭୟେ ପାଶୋରି ଦେଲେ । ଭୁଲିଗଲେ । ଏକୁଟିଆ ପୁତ୍ର ମାତା ବିହୁନେ କାନ୍ଦିବାକୁ ଲାଗିଲା । ଠିକ ସେତିକିବେଳେ ଭଗବାନ ଶିବ ମାତା ପାର୍ବତୀଙ୍କ ସହିତ ସେହି ପଥରେ ଆକାଶମାର୍ଗରେ ଯାଉଥିଲେ । ନବଜାତ ଶିଶୁର କ୍ରନ୍ଦନ ଶୁଣି ମାତା ପାର୍ବତୀଙ୍କର ମାତୃ ହୃଦୟରେ କରୁଣା ଜାଗ୍ରତ ହେଲା । ମାତା ପାର୍ବତୀଙ୍କ ଆଗ୍ରହାନୁସାରେ ଭଗବାନ ଶିବ ଶିଶୁଟିକୁ କିଶୋରାବସ୍ଥାକୁ ପରିବର୍ତ୍ତିତ କରି ଅପାର ସମ୍ପତ୍ତି ସହ ଏକ ମନୋରମ ଦିବ୍ୟ ବିମାନ ପ୍ରଦାନ କଲେ । ଶିଶୁ ପୁତ୍ରଟି ପରେ ସୁକେଶ ନାମରେ ପ୍ରସିଦ୍ଧି ଲାଭ କଲା । ଗ୍ରାମଣୀ ନାମ୍ନୀ ଗନ୍ଧର୍ବୀ ତାଙ୍କ ପୁତ୍ରୀ ଦେବବତୀର ବିବାହ ବୈଭବସମ୍ପନ୍ନ ସୁକେଶ ସହିତ କରାଇଥିଲେ ।

ସମୟ ଅତିକ୍ରାନ୍ତ ହୁଅନ୍ତେ ସୁକେଶ ଓ ଦେବବତୀଙ୍କର ମାଲ୍ୟବାନ, ସୁମାଳୀ ଓ ମାଳୀ ନାମକ ତିନୋଟି ପୁତ୍ର ଉତ୍ପନ୍ନ ହେଲେ । ଭଗବାନ ଶିବଙ୍କ ପ୍ରସାଦରୁ ତାଙ୍କ ପିତା ସୁକେଶ ଅମାପ ବିଭବ ପ୍ରାପ୍ତ ହୋଇଥିବା ଜାଣି ତିନି ଭାଇ ମେରୁ ପର୍ବତରେ ଉଗ୍ର ତପସ୍ୟାରେ ଲିପ୍ତ ହେଲେ । ତାଙ୍କ ତପସ୍ୟାରେ ପ୍ରୀତ ହୋଇ ବ୍ରହ୍ମଦେବ ସେମାନଙ୍କୁ ଯୁଦ୍ଧରେ କେହି ପରାସ୍ତ କରିପାରିବେ ନାହିଁ ବୋଲି ଅଭୟ ପ୍ରଦାନ କଲେ । ବ୍ରହ୍ମାଙ୍କ ଠାରୁ ବର ପାଇ ସେମାନେ ଏତେ ଅହଙ୍କାରୀ ଓ ନିର୍ଭୟ ହୋଇଗଲେ ଯେ ଦେବତାଙ୍କ ସହିତ ଅସୁରମାନଙ୍କୁ ମଧ୍ୟ କଷ୍ଟ ଦେବାରେ ପରମ ସୁଖ ଅନୁଭବ କଲେ ।

ମଦମସ୍ତ ମାଲ୍ୟବାନ, ସୁମାଳୀ ଓ ମାଳୀ ଭଗବାନ ବିଶ୍ୱକର୍ମାଙ୍କୁ ତାଙ୍କ ରହିବା ପାଇଁ ଦେବତାଙ୍କ ଭଳି ଏକ ସୁରମ୍ୟ ପ୍ରାସାଦ ନିର୍ମାଣ ସକାଶେ ଅନୁରୋଧ କଲେ । ଶଙ୍କାକୁଳ ଓ ଭୟଗ୍ରସ୍ତ ବିଶ୍ୱକର୍ମା ଇନ୍ଦ୍ରଦେବଙ୍କ ଆଦେଶାନୁସାରେ ନିର୍ମାଣ କରିଥିବା ସୁନାର ନଗରୀ ସ୍ୱର୍ଣ୍ଣମୟୀ ଲଙ୍କାରେ ତାଙ୍କୁ ନିବାସ କରିବାକୁ କହିଲେ । ସହସ୍ର ରାକ୍ଷସଙ୍କ ସହିତ ତିନିଭାଇ ସ୍ୱର୍ଣ୍ଣପୁରୀ ଲଙ୍କାରେ ଅବସ୍ଥାନ କରିବାକୁ ଲାଗିଲେ । ଏହା ଦେଖି ନର୍ମଦା ନାମ୍ନୀ ଏକ ଗନ୍ଧର୍ବୀ ତାଙ୍କର ତିନି ପୁତ୍ରୀ ସୁନ୍ଦରୀ, କେତୁମତୀ ଓ ବସୁମତୀଙ୍କ ବିବାହ ଯଥାକ୍ରମେ ମାଲ୍ୟବାନ, ସୁମାଳୀ ଓ ମାଳୀ ସହିତ କରାଇଲେ ।

ମାଲ୍ୟବାନ ଓ ସୁନ୍ଦରୀଙ୍କ ସାତ ପୁତ୍ର ଓ ଅମଳା ନାମ୍ନୀ ଏକ ପୁତ୍ରୀ, ସୁମାଳୀ ଓ କେତୁମତୀଙ୍କ ଦଶ ପୁତ୍ର ଓ ରକା, ବସୁଦା, ପୁଷ୍ପୋତ୍କଟା ଏବଂ କେକସି ନାମ୍ନୀ ଚାରି ପୁତ୍ରୀ ଏବଂ ମାଳୀ ଓ ବସୁମତୀଙ୍କ ଅନଳ, ଅନୀଳ, ହର ଓ ସମ୍ପତ୍ତି ନାମକ ଚାରି ପୁତ୍ର ଜନ୍ମ ନେଲେ । ମଳୀର ଚାରି ପୁତ୍ର ପରେ ବିଭୀଷଣଙ୍କ ମନ୍ତ୍ରୀ ହୋଇଥିଲେ ।

ମାଲ୍ୟବାନ, ସୁମାଳୀ ଓ ମାଳୀ ତଥା ତାଙ୍କର ପୁତ୍ରମାନେ ବହୁତ ବଳବାନ ଥିଲେ । ଗର୍ବ ଓ ଅହଙ୍କାରର ବଶବର୍ତ୍ତୀ ହୋଇ ସେମାନେ ଦେବତା, ରାକ୍ଷସ, ନାଗ, ଋଷି ଓ ଯକ୍ଷାଦିଙ୍କୁ ଅତ୍ୟାଚାର ଓ ଅଶେଷ ପୀଡା ଦେବାକୁ ଲାଗିଲେ । ତାଙ୍କରି ଅତ୍ୟାଚାରରେ ଅତିଷ୍ଠ ଦେବ ଓ ଯକ୍ଷ ଭଗବାନ ଶିବଙ୍କ ଶରଣ ପଶିଲେ । ଅତୀବ ଅତ୍ୟାଚାରୀ ରାକ୍ଷସମାନଙ୍କ ନିପାତ ପାଇଁ ଯାଚନା କଲେ । ଅନୁରୋଧ କଲେ । ପରନ୍ତୁ ଭଗବାନ ଶିବ ମାଲ୍ୟବନ୍ତ, ସୁମାଳୀ ଓ ମାଳୀ ଓ ତାଙ୍କ ପୁତ୍ରମାନେ ସୁକେଶ, (ଯାହାକୁ ସେ ନିଜେ ରକ୍ଷା କରିଥିଲେ) ର ପୁତ୍ର ଏବଂ ପୌତ୍ର ହୋଇଥିବାରୁ ତାଙ୍କୁ ବଧ କରିବାରେ ନିଜର ଅସମର୍ଥତା ପ୍ରକାଶ କଲେ । ଭଗବାନ ବିଷ୍ଣୁଙ୍କୁ ନିଜର ଦୁଃଖ ଜଣେଇବାକୁ ପରାମର୍ଶ ଦେଲେ । ଶରଣାଗତ ଦେବତାଙ୍କ ଅନୁରୋଧ କ୍ରମେ ଭଗବାନ ବିଷ୍ଣୁ ଦୁଷ୍ଟ ଦଳନ ପାଇଁ ସମ୍ମତି ପ୍ରଦାନ କଲେ । ଏହା ଶୁଣି ସମସ୍ତ ରାକ୍ଷସ ଦେବତାଙ୍କୁ ମାରିବାକୁ ଯିବା ବାଟରେ ଗରୁଡ଼ାରୁଢ଼ ବିଷ୍ଣୁଙ୍କ ସହିତ ଭେଟ ହେଲା । ରାକ୍ଷସ ଓ ଭଗବାନ ବିଷ୍ଣୁଙ୍କ ମଧ୍ୟରେ ଅନେକ ଥର ଯୁଦ୍ଧ ହେଲା । ଯୁଦ୍ଧରେ ସୁଦର୍ଶନ ଚକ୍ରରେ ଭଗବାନ ବିଷ୍ଣୁ ମାଲ୍ୟବନ୍ତ ଓ ମାଳୀର ଶିର ଛେଦନ କରିବା ସହିତ ଅଧର୍ମୀ ରାକ୍ଷସଙ୍କୁ ନିପାତ କଲେ । ଭୟାତୁର ରାକ୍ଷସ ମାଳୀ ଲଙ୍କାରୁ ଗୋପନରେ ଖସିଯାଇ ବଂଚିଥିବା ପରିବାର ସହିତ ପାତାଳରେ ଲୁଚି ରହିଲା ।

ତତ୍‌ପରେ ରାକ୍ଷସଶୂନ୍ୟ ସ୍ୱର୍ଣ୍ଣପୁରୀ ଲଙ୍କାକୁ ଧନାଧ୍ୟକ୍ଷ କୁବେର ନିଜର ନିବାସସ୍ଥଳୀ କରି ବସବାସ କରିବାକୁ ଲାଗିଲେ । ଅନେକ ଦିନ ଉପରାନ୍ତେ ସୁମାଳୀ ପାତାଳରୁ ପ୍ରତ୍ୟାବର୍ତ୍ତନ କଲା ।

କୁବେରଙ୍କୁ ଲଙ୍କାପୁରୀରେ ନିବାସ କରୁଥିବା ଦେଖି ନିଜ ପୁତ୍ରୀ କେକସିକୁ କହିଲା ଲଙ୍କାରେ ବାସ କରୁଥିବା କୁବେର ତେଜସ୍ୱୀ ଋଷି ପୌଲସ୍ତ୍ୟ ପୁତ୍ର ମହାରୁଷି ବିଶ୍ରବାଙ୍କ ପୁତ୍ର ଅଟେ । ତୁ ସ୍ୱୟଂ ମହର୍ଷି ବିଶ୍ରବାଙ୍କୁ ପତି ରୁପେ ବରଣ କରି ତାଙ୍କରି ସେବା କଲେ ତୋର ପୁତ୍ରମାନେ ମଧ ଧନେଶ୍ୱର କୁବେରଙ୍କ ଭଳି ତେଜସ୍ୱୀ ଓ ଧନଶାଳୀ ହୁଅନ୍ତେ ଓ ରାକ୍ଷସ କୁଳର ହିତ ହୁଅନ୍ତା । ପିତାଙ୍କ ଆଦେଶାନୁସାରେ କେକସି ମହର୍ଷି ବିଶ୍ରବାଙ୍କ ଆଶ୍ରମରେ ଅଗ୍ନିହୋତ୍ର ବେଳାରେ ଉପନୀତ ହେଲା । ତାର ଆଗମନର ଅଭିଷ୍ଟ ଜଣାଇଲା । ମହର୍ଷି କେକସିର ପ୍ରସ୍ତାବରେ ସମ୍ମତ ହେଲେ । କିନ୍ତୁ ଦାରୁଣ ବେଳାରେ ଏମିତି ପ୍ରସ୍ତାବ ହେତୁ ତୋର ସମସ୍ତ ସନ୍ତାନ କ୍ରୁର ତଥା ଭୟଙ୍କର ସ୍ୱଭାବଯୁକ୍ତ ହେବେ କହିଲେ । କେକସିର ଅନୁନୟ ବିନୟ ପରେ ମହର୍ଷି ତାକୁ ଆଶ୍ୱାସନା ଦେଇ କହିଲେ ତୋର ସର୍ବକନିଷ୍ଠ ପୁତ୍ର ଆମ ବଂଶାନୁଯାୟୀ ଧର୍ମାତ୍ମା ହେବ ଓ ଅନ୍ୟ ସମସ୍ତେ ରାକ୍ଷସ ହେବେ ।

ସମୟ ଅତିକ୍ରାନ୍ତ ହେବାକୁ ଲାଗିଲା । କେକସି ଗର୍ଭବତୀ ହେଲା । କ୍ରୁର ସ୍ୱଭାବଯୁକ୍ତ ଦଶମସ୍ତକ ଓ କୋଡିଏ ଭୁଜା ବିଶିଷ୍ଟ ଭୟାନକ ରାକ୍ଷସ ତାଠାରୁ ଜନ୍ମ ହେଲା । ତାର ଜନ୍ମରେ ପୃଥିବୀ ମାତା ଥରହର ହେବାକୁ ଲାଗିଲେ । ସରିତା ସ୍ୱାମୀ ମହୋଦଧି ବିଶୁବ୍ଧ ହୋଇପଡ଼ିଲା । ପୁତ୍ର ସନ୍ତାନଟି ଦଶ ଶିର ବିଶିଷ୍ଟ ହେତୁ ତାର ନାମ ଦଶଗ୍ରୀବ ପଡିଲା । କିଛି କାଳ ଅନ୍ତେ ପର୍ଯାୟକ୍ରମେ ବିଶାଳକାୟ କୁମ୍ଭକର୍ଣ୍ଣ , ବିକରାଳ ମୁଖୀ ସୂର୍ପଣଖା ଓ ଅନ୍ତିମ ସନ୍ତାନ ଧର୍ମପରାୟଣ ମହାତ୍ମା ବିଭୀଷଣ ଜନ୍ମ ହେଲେ । କେକସିର ଚାରିଟିଯାକ ସନ୍ତାନ ବିଶ୍ରବାଙ୍କ ଆଶ୍ରମରେ ବଢିବାକୁ ଲାଗିଲେ ।

ଇତ୍ୟବସରରେ ଏକଦା ଧନପତି ତେଜସ୍ୱୀ କୁବେର ପିତା ମହର୍ଷି ବିଶ୍ରବାଙ୍କୁ ସାକ୍ଷାତ କରିବାକୁ ଆସିଲେ । କେକସି ପୁତ୍ର ଦଶଗ୍ରୀବକୁ କୁବେର ପରି ବୈଭବଶାଳୀ ଓ ତେଜସ୍ୱୀ ହେବାପାଇଁ ପ୍ରଯତ୍ନ କରିବାକୁ ପରାମର୍ଶ ଦେଲା । ମାତା କେକସିଙ୍କ କଥାନୁସାରେ ତିନି ଭାଇ ଦଶଗ୍ରୀବ, କୁମ୍ଭକର୍ଣ୍ଣ ଓ ବିଭୀଷଣ ଗୋକର୍ଣ୍ଣ ସ୍ଥିତ ପବିତ୍ର ଆଶ୍ରମରେ ପୃଥକ ପୃଥକ ଧର୍ମ ବିଧିରେ ୧୦୦୦୦ ବର୍ଷ ପର୍ଯ୍ୟନ୍ତ ତପସ୍ୟା କଲେ । ପ୍ରତି ୧୦୦୦ ବର୍ଷ ସମାପ୍ତି ପରେ ଦଶଗ୍ରୀବ ତାର ଗୋଟିଏ ଲେଖାଏଁ ଶିର ଅଗ୍ନିରେ ଆହୁତି ଦେବାକୁ ଲାଗିଲା । ଅନ୍ତିମ ଶିର ଆହୁତି ଦେବାକୁ ଯାଉଥିବା ବେଳେ ପରଂପିତା ବ୍ରହ୍ମା ଦଶଗ୍ରୀବର ଏତାଦୃଶ କଠୋର ତପସ୍ୟାରେ ପ୍ରସନ୍ନ ହୋଇ ସମସ୍ତ ଦେବତାଙ୍କ ସହିତ ସାକ୍ଷାତ ଦର୍ଶନ ଦେଲେ । ନିଜ ଇଛାନୁସାରେ ବର ମାଗିବାକୁ ଅଭୟ ପ୍ରଦାନ କଲେ । ଦଶଗ୍ରୀବ ଚିରକାଳ ଅମରତ୍ୱର ବର ଦେବାକୁ କୁହନ୍ତେ ପରଂପିତା ବ୍ରହ୍ମା ତାଙ୍କର ଅସାମର୍ଥ୍ୟ ପ୍ରକାଶ କଲେ । ତହୁଁ ଦଶଗ୍ରୀବ ତାକୁ ଗରୁଡ଼ , ନାଗ , ଦୈତ୍ୟ, ଦାନ୍ୱ, ଦେବତା କେହି ମାରିପାରିବେନି ବୋଲି ବର ମାଗନ୍ତେ ବ୍ରହ୍ମଦେବ ତଥାସ୍ତୁ କହିବା ସହିତ ସେ ଯେ କୌଣସି ରୂପ ଧାରଣ କରିପାରିବ ଓ ତାର ଅଗ୍ନିରେ ଆହୁତି ଦେଇଥିବା ନଅ ଗୋଟି ଶିର ପୁନଃସ୍ଥାପନ ହେଉ ବୋଲି ବର କଲେ । ମହାତ୍ମା ବିଭୀଷଣ ଯେତେ ବଡ ବିପତ୍ତି ଓ ବାଧାବିଘ୍ନ ପଡିଲେ ମଧ ଯେପରି ସେ ଧର୍ମରୁ ନିବୃତ୍ତ ନ ହୁଅନ୍ତି ଓ ତାଙ୍କୁ ସ୍ୱୟଂ ଆପେଆପେ ବ୍ରହ୍ମାସ୍ତ୍ରର ଜ୍ଞାନ ହେଉ ବୋଲି ବର ମାଗିଲେ । ବ୍ରହ୍ମଦେବ ତାହା ଅତି ପ୍ରସନ୍ନ ଚିତ୍ତରେ ପୁରଣ କଲେ । ମାତା ସରସ୍ୱତୀଙ୍କ ସହାୟତାରେ କୁମ୍ଭକର୍ଣ୍ଣକୁ ଇନ୍ଦ୍ରାସନ ସ୍ଥାନରେ ନିଦ୍ରାସନର ବର ଦେଇ ପରଂପିତା ସମସ୍ତ ଦେବତାଙ୍କ ସହିତ ଅନ୍ତର୍ଦ୍ଧ୍ୟାନ ହେଲେ । ବ୍ରହ୍ମାଙ୍କ ବରରେ ବଳୀୟାନ ଦଶଗ୍ରୀବକୁ ସୁମାଳୀ କୁବେରଙ୍କ ଠାରୁ ଲଙ୍କାପୁରୀ ଫେରେଇ ନେବାକୁ ପରାମର୍ଶ ଦେଲା । ଦଶଗ୍ରୀବର ଦୂତ ଠାରୁ ଏହା ଶୁଣି ଯକ୍ଷରାଜ କୁବେର ନିଜ ପିତାଙ୍କ ନିର୍ଦ୍ଦେଶାନୁସାରେ ଲଙ୍କା ଛାଡି କୈଳାଶ ପର୍ବତରେ ନିଜର ନୂଆ ନିବାସ ନିର୍ମାଣ କରି ରହିବାକୁ ଲାଗିଲେ । ଅଭିଷେକୋତ୍ସବ ପରେ ଦଶଗ୍ରୀବକୁ ଲଙ୍କାଧିପତି ଘୋଷଣା କରାଗଲା । ରାଜା ହେବା ପରେ ଦଶଗ୍ରୀବ ପ୍ରଥମେ ନିଜ ଭଉଣୀ ସୂର୍ପଣଖାର ବିବାହ କଲକାପୁତ୍ର ବିଦ୍ୟୁତଜିହ୍ୱା ସହିତ ସମ୍ପନ୍ନ କଲା । ପରେପରେ ନିଜେ ରାକ୍ଷସରାଜ ମାୟାସୁର ଓ ଅପସରା ହେମାଙ୍କ ପୁତ୍ରୀ ମନ୍ଦୋଦରୀକୁ ବିବାହ କଲା । ବିଭୀଷଣ ଓ କୁମ୍ଭକର୍ଣ୍ଣର ଶୁଭ ପରିଣୟ ଯଥାକ୍ରମେ ଗନ୍ଧର୍ବରାଜ ମହାତ୍ମା ଶୈଷୁଶଙ୍କ କନ୍ୟା ସରମା ଓ ବିରୋଚନ ପୁତ୍ର ବାଳୀର ଦୁହିତା ବଜ୍ରଜ୍ୱାଳା ସହିତ ସମ୍ପନ୍ନ ହେଲା । ତ୍ରିଜଟା ବିଭୀଷଣଙ୍କ ପୁତ୍ରୀ ଥିଲା । କର୍କଟି ଓ ତଡିତ୍ମାଳା କୁମ୍ଭକର୍ଣ୍ଣର ଦ୍ୱିତୀୟ ଓ ତୃତୀୟ ପତ୍ନୀ ଥିଲେ ।

ଦଶଗ୍ରୀବ ଓ ରାଣୀ ମନ୍ଦୋଦରୀଙ୍କ ପୁତ୍ର ଜନ୍ମ ହେବା ସମୟରେ ମେଘ ସଦୃଶ ଗମ୍ଭୀର ରୋଦନ କରିଥିବାରୁ ତାକୁ ମେଘନାଦ ନାମରେ ନାମକରଣ କରାଗଲା । ଅତ୍ୟନ୍ତ ବଳଶାଳୀ ଦଶଗ୍ରୀବ ସବୁବେଳେ ତ୍ରିପୁର ବିଜୟୀ ହେବାର ସ୍ୱପ୍ନ ଦେଖୁଥାଏ । ସର୍ବପ୍ରଥମେ ସେ ନିଜ ଭାଇ ଧନପତି କୁବେରଙ୍କ ସହ ଯୁଦ୍ଧ କରି ପୁଷ୍ପକ ବିମାନ ନିଜ ହାତକୁ ନେଇ ଆସିଲା । ପୁଷ୍ପକ ବିମନରେ ବିଚରଣ କରୁ କରୁ ଏକଦା ଦଶଗ୍ରୀବ କୈଳାଶ ପର୍ବତ ଦେଇ ଯାଉଥିବା ଦେଖି ଭଗବାନ ଶିବଙ୍କ ଦ୍ୱାରପାଳ ନନ୍ଦୀ ତାର ପଥରୋଧ କଲା । ସେହି ରାସ୍ତାରେ ଯିବାକୁ ବାରଣ କଲା । ଏଥିରେ ଅହଙ୍କାରୀ ଦଶଗ୍ରୀବ କ୍ରୋଧିତ ହୋଇ କୈଳାଶ ପର୍ବତକୁ ନିଜର ବିଂଶ ଭୁଜା ବଳରେ ଉପାଡି ଫିଙ୍ଗି ଦେବାର ପ୍ରୟାସ କଲା । କୈଳାଶ ପର୍ବତ ଥରିବାକୁ ଲାଗିଲା । ମାତା ପାର୍ବତୀଙ୍କ ସହିତ ଅନ୍ୟ ସମସ୍ତେ ଅତ୍ୟନ୍ତ ଭୟଭୀତ ହେଲେ । ଏହା ଜାଣି ଭଗବାନ ଶିବ ନିଜ ପାଦର ବୃଦ୍ଧାଙ୍ଗୁଳିରେ ଅଳ୍ପମାତ୍ର ଦବେଇବାରୁ ଦଶଗ୍ରୀବାର ହାତ କୈଳାଶ ପର୍ବତରେ ଚାପି ହୋଇଗଲା । ବାରମ୍ବାର ପ୍ରଯତ୍ନ ସତ୍ତ୍ୱେ ସେ ହାତ କାଢ଼ିବାକୁ ଅସମର୍ଥ ହେଲା । କଷ୍ଟ ସହ୍ୟ କରି ନ ପାରି ବିକଟାଳ ରଡିଛାଡିଲା । ହେଲେ ସେହି ଅବସ୍ଥାରେ ଭଗବାନ ଶିବଙ୍କୁ ଏକ ହଜାର ବର୍ଷ ସ୍ତୁତି କଲା । ପ୍ରସନ୍ନ ହୋଇ କରୁଣାମୟ ଶିବ ତାକୁ ଦୀର୍ଘାୟୁର ବରଦାନ ଦେଇ ମୁକ୍ତ କଲେ । ତାର ବିକଟାଳ ରଡି ପାଇଁ ଶିବ ତାକୁ ରାବଣ ନାମ ଦେଲେ । ସେଦିନଠାରୁ ଦଶଗ୍ରୀବ ରାବଣ ନାମରେ ପ୍ରସିଦ୍ଧି ଲାଭ କଲା ।

ଇକ୍ଷ୍ୱାକୁ ବଂଶୀୟ ପ୍ରବଳ ପରାକ୍ରମୀ ଅଯୋଧାର ରାଜା ଅରଣ୍ୟଙ୍କ ସମେତ ପୃଥିବୀର ଅନ୍ୟ ଶକ୍ତିଶାଳୀ ରାଜାମାନଙ୍କୁ ଯୁଦ୍ଧରେ ପରାସ୍ତ କଲାପରେ ଦୁର୍ଜେୟ ରାବଣ ଯମ ଲୋକ ଓ ଦେବ ଲୋକ ମଧ ଅକ୍ତିଆର କରିନେଲା । ବ୍ରହ୍ମାଙ୍କର ବରଦାନର ଗାରିମା ରକ୍ଷା କରିବାକୁ ଯାଇ ଯମରାଜ ଯୁଦ୍ଧ ବେଳେ ନିଜର କାଳଦଣ୍ଡ ଅସ୍ତ୍ରର ଉପଯୋଗରୁ ବିରତ ହୋଇଥିଲେ । ଦେବାଧିପତି ଇନ୍ଦ୍ରଦେବଙ୍କୁ ମେଘନାଦ ବନ୍ଦୀ କରି ଲଙ୍କା ନେଇ ଆସିଥିଲା । ପରେ ବ୍ରହ୍ମଦେବ ଦେବରାଜ ଇନ୍ଦ୍ରଙ୍କୁ ମେଘନାଦର ବନ୍ଧନରୁ ମୁକ୍ତ କଲେ । ଇନ୍ଦ୍ରଙ୍କୁ ଜୟ କରିଥିବାରୁ ମେଘନାଦକୁ ଇନ୍ଦ୍ରଜିତ ଘୋଷିତ କଲେ । ସେହିଦିନଠୁ ମେଘନାଦ ଇନ୍ଦ୍ରଜିତ ନାମରେ ପରିଚିତ ହେଲା । ମାନବଲୋକ, ଯମଲୋକ ଓ ଦେବଲୋକ ଜୟ କଲାପରେ ରାବଣ ପାତାଳଲୋକର ନିବାତକବଚ ନାମକ ଦୁର୍ଦ୍ଧର୍ଷ ଦୈତ୍ୟ ସହିତ ଏକବର୍ଷ କାଳ ଯୁଦ୍ଧ କଲା । ଏହି ଯୁଦ୍ଧରେ ଉଭୟଙ୍କ ମଧ୍ୟରୁ କେହି ବିଜୟୀ ହେଲେ ନାହିଁ କିମ୍ବା ପରାଜୟ ବରଣ କଲେ ନାହିଁ । ବ୍ରହ୍ମାଙ୍କ ଉପଦେଶାନୁସାରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହେଲା । ରାବଣ ପାତାଳଲୋକରେ ରହି ଶହେ ପ୍ରକାର ମାୟାଜ୍ଞାନ ଅର୍ଜନ କଲା । ବରୁଣଙ୍କୁ ଯୁଦ୍ଧରେ ପରାସ୍ତ କରି ରାବଣ ବରୁଣପୁତ୍ର ମାନଙ୍କର ସଂହାର କଲା । ନାଗକନ୍ୟା ମାନଙ୍କୁ ବଳପୂର୍ବକ ଲଙ୍କା ଆଣି ନିଜର ରାଣୀ ଭାବେ ରଖିଲା ।

ଦିନକୁ ଦିନ ରାକ୍ଷସରାଜ ରାବଣର ଉତ୍ପାତ ଓ ଅତ୍ୟାଚାର ବଢ଼ିବାରେ ଲାଗିଲା । ତ୍ରିପୁର ବିଜୟୀ ରାବଣର ଆଦେଶାନୁସାରେ ରାକ୍ଷସମାନେ ମୁନି, ଋଷି, ତପସ୍ୱୀ ମାନଙ୍କର ଯଜ୍ଞରେ ବିଘ୍ନ ସୃଷ୍ଟି କରି ତପସ୍ୟା ଭଙ୍ଗ କଲେ । ଦୁରାଚାରୀ ରାବଣର ଅତ୍ୟାଚାର ଚରମ ସୀମା ଅତିକ୍ରମ କରିବାରୁ ତାକୁ ବରଦାନ କରିଥିବା ସ୍ୱୟଂ ପରଂପିତା ବ୍ରହ୍ମଦେବ ତାର ମୃତ୍ୟୁର ନିଦାନ ଅନ୍ୱେଷଣ କରିବାକୁ ବାଧ ହେଲେ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

## ଆଜିର ଚିନ୍ତନ

ଶ୍ରୀକୃଷ୍ଣ ରାଜ୍ ଦରବାରରେ ବସିଥାନ୍ତି । ହଠାତ୍ ରାଜ ପରିବାରର ବାଳକଟିଏ ଆସି ଶ୍ରୀକୃଷ୍ଣଙ୍କୁ ନିଜର ଗାଲ ଦେଖାଇ କହିଲା 'ମୋ ସହ ଖେଳୁଥିବା ପିଲାଟିଏ କିପରି ଚାପୁଡ଼ା ମାରିଛି ଦେଖନ୍ତୁ' । ଶ୍ରୀକୃଷ୍ଣ ଉଠିପଡ଼ିଲେ ଓ ତାକୁ ସାଙ୍ଗରେ ନେଇ ସେଇ ଚାପୁଡ଼ା ମାରିଥିବା ପିଲା ରହୁଥିବା ବାସସ୍ଥାନକୁ ଗଲେ । ପିଲାଟି ରହୁଥାଏ ତାରି ବୃଦ୍ଧ ଅଜାଙ୍କ ସହ ଏକ ଶିବ ମନ୍ଦିରରେ । ଶ୍ରୀକୃଷ୍ଣ ସେଠି ପହଞ୍ଚିବା କ୍ଷଣି ବୃଦ୍ଧ ଯୋଡ଼ହସ୍ତରେ କୁଟୀର ବାହାରକୁ ଆସି ଠିଆ ହେଲେ । ଶ୍ରୀକୃଷ୍ଣ କହିଲେ 'ଦେଖ ତୁମ ନାତି ଏ ବାଳକର କ'ଣ କରିଛି' । ଏତିକି ମାତ୍ର କହି ସେ ଲେଉଟି ଆସିଲେ । ମାତ୍ର ଶ୍ରୀକୃଷ୍ଣ ଓ ବୃଦ୍ଧଙ୍କ ଭିତରେ କ'ଣ ଘଟିଲା ସେକଥା କେହି ଜାଣିଲେ ନାହିଁ । ବୃଦ୍ଧ ଜଣକ ଥିଲେ ଏକାନ୍ତ କୃଷ୍ଣଭକ୍ତ । ମାତ୍ର ସେ ଥିଲେ ଅନ୍ଧ । ଏଣୁ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାର ଇଚ୍ଛା କେବେ ବି ପୂରଣ ହେବନାହିଁ ସେକଥା ସେ ଭଲଭାବରେ ଜାଣିଥିଲେ । ସୁଦୂର ପଲ୍ଲୀରୁ ଆସି ସେ ଦ୍ୱାରିକା ନିକଟସ୍ଥ ସେହି ମନ୍ଦିର ପାଖରେ ରହିଥିଲେ । ସେ ଭାବିଥିଲେ କୌଣସି ପୂଜାପାର୍ବଣରେ ଶ୍ରୀକୃଷ୍ଣ ହୁଏତ ସେଠାକୁ ଆସିବେ । ବୃଦ୍ଧଜଣକ ତାଙ୍କୁ ଦେଖି ନ ପାରିଲେ ବି ଅନ୍ତତଃ କଣ୍ଠସ୍ୱର ତ ଶୁଣିପାରିବେ ? ସେତିକି ଶୁଣିଲେ ବି ତାଙ୍କର ଜୀବନ ଧନ୍ୟ ହେବ । ଯେତେବେଳେ ଶ୍ରୀକୃଷ୍ଣ ତାଙ୍କୁ କହିଲେ 'ଦେଖ', ସେହି ମୁହୂର୍ତ୍ତରେ ସେ ତାଙ୍କର ସ୍ଥୂଳ ଦୃଷ୍ଟି ଫେରି ପାଇଥିଲେ । ତାଙ୍କ ବ୍ୟାକୁଳ ପ୍ରତୀକ୍ଷାରତ ଜୀବନ ସାର୍ଥକ ହୋଇଗଲା । ଏହି ରହସ୍ୟ ଶ୍ରୀକୃଷ୍ଣ ଓ ଅନ୍ଧ ବୃଦ୍ଧଙ୍କ ବ୍ୟତୀତ ଆଉ କାହାକୁ ଜଣାନଥିଲା । ସ୍ଥୁଳ ଦୃଷ୍ଟି ସହ ସେ ଅନ୍ତର୍ଦୃଷ୍ଟିର ବି ଅଧିକାରୀ ହେଲେ । ଭକ୍ତ ଭଗବାନଙ୍କ ସଂପର୍କ ଏହିଭଳି ଏକାନ୍ତ ବ୍ୟକ୍ତିଗତ । ଏହା ଏକ ଆଡମ୍ବରପୂର୍ଣ୍ଣ ପ୍ରଦର୍ଶନୀ ନୁହେଁ । ଏହା ଏକ ଆଧ୍ୟାତ୍ମିକ ଅନୁଭୂତି ।

ବର୍ଷ ୨୮, ସଂଖ୍ୟା - ୩୬, ୮ - ୧୪ ସେପ୍ଟେମ୍ବର ୨୦୨୪

# ହଜିଯାଉଛି ପୁରୁଣା ପରମ୍ପରା

ପ୍ରତି ବର୍ଷ ନିର୍ଦ୍ଦିଷ୍ଟ ସମୟରେ ନୂତନ ଉନ୍ମାଦନା ଓ ନୂତନ ସମ୍ଭାବନା ନେଇ ଆସିଥାଏ । ନୂଆଁଖାଇ କାହିଁ କେଉଁ କାଳରୁ ପାଳିତ ହୋଇଆସୁଥିବା ଏହି ଗଣପର୍ବରେ ଯୋଡ଼ି ହୋଇରହିଛି ପଶ୍ଚିମ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରା । ପ୍ରତିବର୍ଷପରି ଏ ପର୍ବ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ୮ ତାରିଖ ଦିନ ପାଳିତ ହୋଇଛି ।

ପୂର୍ବେ ଗାଁ'ର ଗୌନ୍ତିଆ ବା ପ୍ରମୁଖ ବ୍ୟକ୍ତିମାନେ ଗ୍ରାମଦେବୀଙ୍କ ଶୁଭାଶୁଭ ତଥା ଗାଁର ସମସ୍ତଙ୍କର ସୁବିଧାକୁ ଦେଖି ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରୁଥିଲେ । ଗାଁରେ ଯଦି କେହି ମରି ଯାଇଥାଏ ତା ହେଲେ ନବାନ୍ନ ଲଗ୍ନକୁ ଘୁଞ୍ଚାଇ ଦିଆଯାଉଥିଲା । ଗାଁର କେହି ଅଭାବରେ ଥିଲେ ଗାଁର ମୁଖ୍ୟ ତାଙ୍କୁ ସମସ୍ତ ପ୍ରକାର ସହାୟତା କରୁଥିଲେ । ସାମଗ୍ରିକ ରୂପେ ନୂଆଁଖାଇ ଗାଁର ଐକ୍ୟର ପରିଚାୟକ ଥିଲା । ଗାଁର ମୁଖ୍ୟ ସମଗ୍ର ଗ୍ରାମବାସୀଙ୍କ ନେତୃତ୍ୱ ନେବା ସାଙ୍ଗକୁ ସେମାନଙ୍କ ସୁଖଦୁଃଖରେ ସମଭାଗୀ ହେବାର ଶିକ୍ଷା ଦେଉଥିଲା ନୂଆଁଖାଇ । ସେହିପରି ପରିବାରର ମୁଖ୍ୟ ମଧ ନିଜ ଘରେ ଉକ୍ତ ଭୂମିକା ଗ୍ରହଣ କରୁଥିଲେ । ଫଳରେ ପରିବାରର ଐକ୍ୟ ମଧ ବଜାୟ ରହୁଥିଲେ । ବ୍ୟକ୍ତି ଠାରୁ ପରିବାର ବଡ଼, ପରିବାରଠାରୁ ଗ୍ରାମ ବଡ଼, ଗ୍ରାମରୁ ରାଜ୍ୟ ଏବଂ ରାଜ୍ୟରୁ ରାଷ୍ଟ୍ର ବଡ଼ ତାହା ଏହି ଗଣପର୍ବରୁ ଶିକ୍ଷା ମିଳୁଥିଲା । ସାମ୍ପ୍ରତିକ ସମୟରେ ଏହି ପର୍ବର ଗୁରୁତ୍ୱ ଆହୁରି ବଢ଼ି ଯାଇଛି । ବର୍ତ୍ତମାନର ବ୍ୟକ୍ତିବାଦ, ଜାତିବାଦ, ସମ୍ପ୍ରଦାୟବାଦ ତଥା ଆଞ୍ଚଳିକବାଦ୍ ପ୍ରଭୃତି ବିଭିନ୍ନ ବାଦ ମଧରେ ହଜି ଯାଉଛି ଆତ୍ମୀୟତା ଏବଂ ଐକ୍ୟର ମୂଲ୍ୟବୋଧ । ଯଦି ଏହି ପର୍ବ ପଶ୍ଚିମ ଓଡ଼ିଶାରେ ସୀମିତ ନ ରହି ସମଗ୍ର ରାଜ୍ୟରେ ବା ଦେଶରେ ପାଳିତ ହୁଅନ୍ତା ତା'ହେଲେ ଏକ ନୂତନ ରାଷ୍ଟ୍ରବାଦ ସୃଷ୍ଟି ହୋଇପାରନ୍ତା ।

ସୂଚନାଯୋଗ୍ୟ ୧୯୯୨ରୁ ଗୋଟିଏ ଦିନରେ ନୂଆଁଖାଇ ପାଳନ କରାଯିବା ନିଷ୍ପତ୍ତି ଏହି ବସ୍ତୁତ ଅଞ୍ଚଳକୁ ଗୋଟିଏ ସୂତ୍ରରେ ବାନ୍ଧିବାକୁ ସମର୍ଥ ହୋଇଥିଲା । ସେହି - ଐକ୍ୟକୁ ପାଥେୟ କରି ପଶ୍ଚିମ ଓଡ଼ିଶାରେ ବିକାଶ ପରିଷଦ ସ୍ଥାପନ, ହାଇକୋର୍ଟ ବେଞ୍ଚ, ସିଣ୍ଡୋଳ ବନ୍ଧ ବିରୋଧୀ ଆନ୍ଦୋଳନ ପ୍ରଭୃତି ମୁଣ୍ଡ ଟେକିଥିଲା । ପ୍ରକୃତିର ନିୟମ-କିଛି ପାଇବାକୁ ହେଲେ କିଛି ହରାଇବାକୁ ପଡ଼ିଥାଏ । ସେହିପରି ଏହି ପରବର୍ତ୍ତିତ ପରମ୍ପରାରେ ଆମକୁ କିଛି ହରାଇବାକୁ ପଡ଼ିଛି । ନୂଆଁଖାଇ ଲଗ୍ନ ନିରୂପଣ ପାଇଁ ଗାଁ ସଭା କି ପଣ୍ଡିତ ସଭା ହେଉ ନାହିଁ । ଗାଁର ଦୁଃଖୀ ଦରିଦ୍ରଙ୍କୁ ଗୌନ୍ତିଆ ବା ଗ୍ରାମମୁଖ୍ୟଙ୍କ ଅଢ଼ିଆ ଦେବାର ପରମ୍ପରା ମଧ ହଜିଗଲାଣି । ଧୀରେଧୀରେ ଏହି ଗଣପର୍ବ ବ୍ୟକ୍ତି ଓ ପରିବାର କୈନ୍ଦ୍ରୀକ ହୋଇ ପଡୁଥିବା ଲକ୍ଷ୍ୟ କରାଯାଉଛି । ଗାଁର ଐକ୍ୟ ବ୍ୟାହତ ହୋଇଛି । ନୂଆଁଖାଇ ସମୟରେ ଗାଁ ଗାଁରେ ଚାଲିଥିବା ଖେଳକୁଦ, ଜୁଏକି ପାଏନ, ଗୁଡୁ, କିତ୍ତ, ଛକା, କଂସାଡ଼ି, ଛିଲୋଲାଇ, ଠିଆପୁଚି ନାରଙ୍ଗ ପରି ଖେଳ ବିଲୁପ୍ତପ୍ରାୟ । ଏବେ ଗାଁର ଅସ୍ଥାୟୀ ମଞ୍ଚରେ, ସହରର ବିଭିନ୍ନ ପ୍ରେକ୍ଷାଳୟ ହୋଟେଲରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହେଉଛି । ଏଭଳି ମନେ ହେଉଛି ଯେମିତି ନୂତନତାକୁ ଗ୍ରହଣ କରିବାର ଆଗ୍ରହ ମଧରେ ଆଜି ଆମେ ହିଁ ଆମର ଗୌରବମୟ ପରମ୍ପରାକୁ ହରାଇ ଦେଉ ନାହୁଁ ତ ? ଗୋଟିଏ ଦିନରେ ନୂଆଁଖାଇ ପାଳନ ନିମନ୍ତେ ଏକଦା ଯେଭଳି ନବ ଉନ୍ମାଦନା ଦେଖାଯାଇଥିଲା ଠିକ୍ ସେହିଭଳି ବର୍ତ୍ତମାନ ପ୍ରଚଳିତ ନୂଆଁଖାଇ ପାଳନ ପରମ୍ପରାରେ ମଧ ସଂସ୍କାର ଆଣିବା ପାଇଁ ପଶ୍ଚିମ ଓଡ଼ିଶାର ବୁଦ୍ଧିଜୀବୀ ଓ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ପୁଣି ଏକ ସମ୍ମିଳିତ ବୈଠକର ଆବଶ୍ୟକତା ରହିଛି ।

# ବିବର୍ତ୍ତନଶୀଳ ବିଜ୍ଞାନ

## ମହାତ୍ମା ଗାନ୍ଧୀ



ମୁଁ ତ ସତ୍ୟାଗ୍ରହର ଜ୍ଞାନର ପ୍ରତ୍ୟହ ଅଭିବୃଦ୍ଧି ଲାଭ କରୁଛି । ଆବଶ୍ୟକ ସମୟରେ ସାହାଯ୍ୟ ଗ୍ରହଣ କରିବା ଲାଗି ମୋ' ପାଖରେ ଆଦୌ କୌଣସି ପାଠ୍ୟପୁସ୍ତକ ନାହିଁ, ଏପରିକି ଯେଉଁ ଗୀତାକୁ ମୁଁ ମୋ'ର ଅଭିଧାନ ବୋଲି କହିଛି, ସେଥିରୁ ମଧ ମୋତେ କୌଣସି ସାହାଯ୍ୟ ମିଳେ ନାହିଁ । ମୋ କଳ୍ପନାର ସତ୍ୟାଗ୍ରହକୁ ଏକ ନିର୍ମୀୟମାଣ ବିଜ୍ଞାନ ବୋଲି କୁହାଯିବ । ଏପରି ମଧ ହୋଇପାରେ ଯେ, ମୁଁ ଯାହାକୁ ଏକ ବିଜ୍ଞାନ ବୋଲି ଦାବି କରୁଛି, ତାହା ଆଦୌ କୌଣସି ବିଜ୍ଞାନ ମଧ ନ ହୋଇପାରେ ଏବଂ ପାଗଳ ନହେଲେ ମଧ କେବଳ ଜଣେ ନିର୍ବୋଧ ବ୍ୟକ୍ତିର ଚିନ୍ତନ ତଥା କର୍ମ ବୋଲି ପ୍ରମାଣିତ ହୋଇପାରେ ।

ଏକଥା ମଧ ସମ୍ଭବ ଯେ, ସତ୍ୟାଗ୍ରହରେ ଯାହାକୁ ସତ୍ୟ ବୋଲି ଗ୍ରହଣ କରାଯାଇଛି, ତାହା ଏହି ପାହାଡ଼ମାନଙ୍କ ପରି ସମାନଭାବରେ ପୁରାତନ ମଧ ହୋଇପାରେ, ମାତ୍ର ପୃଥିବୀର ସମସ୍ୟାଗୁଡିକୁ ସମାଧାନ କରିବାରେ ବା, ଆହୁରି ନିର୍ଭୁଲ ଭାବରେ କହିଲେ, ଯୁଦ୍ଧରୂପୀ ସେହି ସର୍ବୋଚ୍ଚ ସମସ୍ୟାଟିର ସମାଧାନ କରିବାରେ ସତ୍ୟାଗ୍ରହର ଆଦୌ କୌଣସି ମୂଲ୍ୟ ରହିଛି ବୋଲି ଏପର୍ଯ୍ୟନ୍ତ ସ୍ୱୀକାର କରାଯାଇ ନାହିଁ । ଏପରି ହୋଇପାରେ ଯେ, ଏଥିରେ ଯେଉଁ କଥାଟିକୁ ନୂତନ ବୋଲି ଦାବି କରାଯାଉଛି, ତାହା ପ୍ରକୃତରେ ସେହି ସର୍ବୋଚ୍ଚ ସମସ୍ୟାଟିର କ୍ଷେତ୍ରରେ ସମ୍ପୂର୍ଣ୍ଣ ମୂଲ୍ୟହୀନ ବୋଲି ପ୍ରମାଣିତ ବି ହୋଇପାରେ । ଏପରି ମଧ ହୋଇପାରେ ଯେ, ଯେଉଁଗୁଡିକୁ ସତ୍ୟାଗ୍ରହ ଅର୍ଥାତ୍ ଅହିଂସାର ବିଜୟ ବୋଲି ଦାବି କରାଯାଉଛି, ସେଗୁଡିକ ପ୍ରକୃତରେ ସତ୍ୟ ଏବଂ ଅହିଂସାର ବିଜୟ ନ ଥିଲେ ମାତ୍ର ହିଂସା ପ୍ରତି ରହିଥିବା ଭୟର ହିଁ ବିଜୟ ଥିଲେ । ଏହି ସମ୍ଭାବନାଗୁଡିକ ସର୍ବଦା ମୋ'ର ସମ୍ମୁଖରେ ବିଦ୍ୟମାନ ରହି ଆସିଛନ୍ତି । ମୁଁ ଭାରି ଅସହାୟ ହୋଇପଡିଛି । ଜାତି ସମକ୍ଷରେ ମୁଁ ଯାହା କିଛି ଗ୍ରହଣ କରିବା ନିମନ୍ତେ ଆଣି ଉପସ୍ଥାପିତ କରୁଛି, ତାହା ହେଉଛି ମୁଁ ପାଇଥିବା ମୋ' ପ୍ରାର୍ଥନାର ଏକ ପ୍ରତ୍ୟୁତ୍ତର, ଅଥବା ଏଇଟିର ମଧ ସେହି ଗୋଟିଏ ଅର୍ଥ, ଈଶ୍ୱରଙ୍କ ସମୀପରେ ହିଁ ସତେ ଅପେକ୍ଷା କରି ରହିଥିବାର ପ୍ରତ୍ୟୁତ୍ତର ।

ବିଜେତା ପାଖରେ କଦାପି ଆପଣାର ଆତ୍ମାକୁ ନତ କରି ନଦେବା, ଏହାର ଅର୍ଥ ହେଉଛି, ତୁମର ବିବେକ ତୁମକୁ ଯାହା କରିବାକୁ ମନା କରୁଛି, ତାହା କରିବାକୁ ନାହିଁ କରିଦେବା । ମନେ କର, ତୁମର ଶତ୍ରୁ ତୁମକୁ ମାଟିରେ ନାକ ଘଷି ହେବାକୁ କହୁଛି, କାନ ମୋଡି ହେବାକୁ କହୁଛି ଅଥବା ସେହିପରି କୌଣସି ଅପମାନକର କାର୍ଯ୍ୟ କରିବାକୁ କହୁଛି । ତୁମେ ଏସବୁ କୌଣସି ଅପମାନ ପାଖରେ ଆଦୌ ମୁଣ୍ଡ ନୂଆଁଇବ ନାହିଁ । ମାତ୍ର, ଯଦି ସେ ତୁମ ପାଖରୁ ତମ ଜିନିଷତକ ନେଇ ପଳାଉଛି, ତେବେ ତୁମେ ସେଥିରେ ପ୍ରତିରୋଧ କରିବ ନାହିଁ । କାରଣ ଅହିଂସାର ଜଣେ ଉପାସକ ହିସାବରେ ତୁମେ ମୁଳରୁ ହିଁ ନିଷ୍ପତ୍ତି କରି ସାରିଛ ଯେ, ପାର୍ଥିକ ସମ୍ପତ୍ତିଗୁଡିକର ତୁମ ଆତ୍ମାଲାଗି କୌଣସି ମୂଲ୍ୟ ନାହିଁ । ତୁମେ ଯାହାକୁ ନିଜର ସମ୍ପତ୍ତି ପରି ଦେଖୁଛ, ପୃଥିବୀ ତାହାକୁ ତୁମେ ରଖିଥାଅ ବୋଲି ଅନୁମତି ଦେଉଥିବା ପର୍ଯ୍ୟନ୍ତ ହିଁ ତୁମେ ତାହାକୁ ନିଜ ପାଖରେ ରଖିପାରିବ ।

ଆପଣାର ମନକୁ କାହାର ଅଧୀନ କରାଇବ ନାହିଁର ଅର୍ଥ ହେଉଛି ତୁମେ କୌଣସି ପ୍ରଲୋଭନର ବଶ ହୋଇଯିବ ନାହିଁ । ମଣିଷ ଅନେକ ସମୟରେ ଏପରି ଦୁର୍ବଳମନା ହୋଇ ରହିଥାଏ ଯେ ସେ ଲୋଭ ଓ ମଧୁର କଥାର ଜାଲ ଭିତରେ ଯାଇ ପଡିଯାଏ । ଆମ ସମାଜରେ ଆମେ ଏପରି ପ୍ରତ୍ୟେକ ଦିନ ଘଟୁଥିବାର ଦେଖିବାକୁ ପାଇଥାଉଁ । ଜଣେ ଦୁର୍ବଳମନା ବ୍ୟକ୍ତି କଦାପି ସତ୍ୟାଗ୍ରହୀ ହୋଇପାରିବ ନାହିଁ । ସତ୍ୟାଗ୍ରହୀର 'ନାହିଁ' ବ୍ୟତିକ୍ରମହୀନ ଭାବରେ କେବଳ 'ନାହିଁ'କୁ ହିଁ ବୁଝାଇବ ଏବଂ 'ତା'ର ହିଁ ଚିରନ୍ତନ ଭାବରେ ହିଁ ହୋଇ ରହିଥିବ । କେବଳ ସେହିଭଳି ଜଣେ ବ୍ୟକ୍ତି ହିଁ ସତ୍ୟ ଓ ଅହିଂସାର ଜଣେ ଉପାସକ ହୋଇପାରିବ । ମାତ୍ର ଏଠାରେ ଆମକୁ ଦୃଢ଼ତା ଏବଂ ଦୁରାଗ୍ରହ ମଧରେ ରହିଥିବା ପାର୍ଥକ ଟିକୁ ଜାଣି ରଖିବାକୁ ହେବ । ଯଦି ହିଁ କିମ୍ବା ନାହିଁ ବୋଲି କହିସାରିବା ପରେ ଆମ ନିଷ୍ପତ୍ତିଟି ଠିକ୍ ହୋଇ ନ ଥିଲା ବୋଲି ଆମେ ଜାଣିବାକୁ ପାଇବା ଏବଂ ଏପରି ଜାଣି ମଧ ତଥାପି ସେହି ନିଷ୍ପତ୍ତିଟିକୁ ଯାବୁଡ଼ି ରଖିଥିବା, ତେବେ ତାହାକୁ ଦୁରାଗ୍ରହ ଏବଂ ମୁର୍ଖତା ବୋଲି କୁହାଯିବ । ତେଣୁ ଅତ୍ୟନ୍ତ ଯତ୍ନର ସହିତ ଏବଂ ସମ୍ପୂର୍ଣ୍ଣ ଭାବରେ ବିଷୟଗୁଡିକୁ ଭାବିବା ଏକାନ୍ତ ଆବଶ୍ୟକ ଏବଂ ତା' ପରେ ଯାଇ ନିଷ୍ପତ୍ତିଟିଏ କରିବା ଆବଶ୍ୟକ ।

କାହାର ଆଗତ୍ୟ ସ୍ୱୀକାର କରିବାକୁ ମନା କରିବୋ କଥାଟି ଅତ୍ୟନ୍ତ ସ୍ପଷ୍ଟ । ତୁମେ କଦାପି ବିଜେତାର ଆଧିପତ୍ୟ ପାଖରେ ମୁଣ୍ଡ ନୁଆଁଇବ ନାହିଁ, ତାର ଅଭୀଷ୍ଟ ସିଦ୍ଧ କରିବାରେ ତୁମେ ତାକୁ କୌଣସି ସାହାଯ୍ୟ କରିବ ନାହିଁ । ହିଟଲରଙ୍କର ବ୍ରିଟେନ ଅଧିକାର କରିବା ବିଷୟରେ ଆଦୌ କୌଣସି ସ୍ୱପ୍ନ ନାହିଁ । ବ୍ରିଟେନ୍ ପରାଜୟ ସ୍ୱୀକାର କରୁ, ସେ କେବଳ ଏତିକି ଚାହାନ୍ତି । ସେହି କ୍ଷେତ୍ରରେ ବିଜେତା ବିଜିତ ପାଖରୁ ତା' ଇଚ୍ଛା ଅନୁସାରେ ଯାହା ମନ ତାହା ଦାବି କରି ପାରିବ ଏବଂ ବିଜିତ ପକ୍ଷଟି ମାନିନେବାକୁ ବାଧ ହେବ । ମାତ୍ର, ଯଦି ପରାଜୟ ସ୍ୱୀକାର କରା ନ ଯାଏ, ତେବେ ପ୍ରତିପକ୍ଷକୁ ହତ୍ୟା କରିଦେବା ପର୍ଯ୍ୟନ୍ତ ଶତ୍ରୁ ଅବଶ୍ୟ ଯୁଦ୍ଧ କରିବ । ଅବଶ୍ୟ ଏକଥା ସତ ଯେ, ଶତ୍ରୁ ଜଣେ ସତ୍ୟାଗ୍ରହୀକୁ ହତାଶ କରିବା ପୂର୍ବରୁ ହିଁ ସିଏ ଆପଣାର ଶରୀର ସ୍ତରରେ ମରି ସାରିଥାଏ, ଅର୍ଥାତ୍ ନିଜ ଶରୀର ପ୍ରତି ସମସ୍ତ ମୋହରୁ ସେ ମୁକ୍ତ ହୋଇ ରହିଥାଏ ଏବଂ କେବଳ ଆତ୍ମାର ବିଜୟରେ ହିଁ ଅବସ୍ଥାନ କରୁଥାଏ । ତେଣୁ ଯଦି ସେ ଏହିପରି ଭାବରେ ଆଗରୁ ହିଁ ମରି ସାରିଛି, ତେବେ ସେ କାହିଁକି କାହାକୁ ହତ୍ୟା କରିବାର ଆକାଂକ୍ଷା ପୋଷଣ କରୁଥିବ ? ଅନ୍ୟକୁ ହତ୍ୟା କରିବାର ପ୍ରକ୍ରିୟାରେ ହତ ହେବା ମୁଳତଃ ପରାଜିତ ହୋଇ ମରିବାକୁ ହିଁ ବୁଝାଇବ । କାରଣ ତୁମେ ଜୀବନରେ ଥିବା ଅବସ୍ଥାନରେ ଯଦି ଶତ୍ରୁ ତୁମଠାରୁ ଆଶା କରୁଥିବା ଦ୍ରବ୍ୟଟିକୁ ପାଇ ନ ପାରିବ, ତେବେ ତୁମକୁ ଜୀବନରୁ ମାରିଦେଇ ସିଏ ସେଇଟିକୁ ପାଇବ ବୋଲି ଅବଶ୍ୟ ନିଷ୍ପତ୍ତି କରିବ । ଅନ୍ୟ ପକ୍ଷରେ ଏପରିକି ନିଜ ଜୀବନକୁ ରକ୍ଷା କରିବା ନିମନ୍ତେ ମଧ ତୁମେ ତା' ବିରୋଧରେ ହାତ ଉଠାଇବାର ଆଦୌ ଏତେ ଟିକିଏ ଭାବନା ମଧ ତୁମ ଭିତରେ ନାହିଁ ବୋଲି ଯଦି ସେ ହୃଦୟଙ୍ଗମ କରିବ, ତେବେ ତୁମକୁ ହତ୍ୟା କରିବା ଲାଗି ତା' ଭିତରେ ଆଉ କୌଣସି ଉତ୍ସାହ ରହିବ ନାହିଁ । ପ୍ରତ୍ୟେକ ଶିକାରୀର ଅବଶ୍ୟ ଏହି ଅନୁଭବଟି ରହିଥିବ । କୌଣସି ବ୍ୟକ୍ତି ଗୋଟିଏ ଗାଈକୁ ଶିକାର କରିଥିବାର କଦାପି ଶୁଣି ନ ଥିବ ।

# ସ୍ୱାସ୍ଥ୍ୟ ପାଇଁ ଲାଭକାରୀ କେତେ ଜିନିଷ

ହଳଦୀ ମସଲାର ଗୁଣକୁ ନେଇ ଗଠିତ । ଏଥିରେ କୁରକୁମିନ ନାମକ ତତ୍ତ୍ୱ ରହିଅଛି । ଦୀର୍ଘଦିନର ଯନ୍ତ୍ରଣାକୁ ଏହି ହଳଦି ଦୁର କରେ । ରାତିରେ ଶୋଇବା ସମୟରେ ହଳଦୀ ଓ କ୍ଷୀରକୁ ଫୁଟାଇ ପରେ ତାକୁ ଥଣ୍ଡା କରି ତାହାକୁ ପାନ କଲେ ଓଷ୍ଟିଯୋପୋରସିସ୍ ଭଳି ରୋଗରୁ ରକ୍ଷା ମିଳେ ।

ଅଳ୍ପ ହଳଦୀ, ଲୁଣ ଓ ସୋରିଷ ତେଲକୁ ପ୍ରଥମେ ମିଶାଅ । ଦାନ୍ତ ଏବଂ ମାଢ଼ିକୁ ମଜବୁତ କରିବା ପାଇଁ ପ୍ରତିଦିନ ଏହି ମିଶ୍ରଣକୁ ନେଇ ବ୍ରଶ୍ କରି କଞ୍ଚା ହଳଦୀକୁ ପେଶୀ ଏହାକୁ ଦାନ୍ତରେ ଘସିଲେ ଆରାମ ମଧ ମିଳେ । କଞ୍ଚା ହଳଦୀର କଷା ଅଂଶକୁ ମାଲିଶ କରିବା ଦ୍ୱାରା ବିନ୍ଧା ଦୁର ହେବା ସହ ଦାନ୍ତ ମୁଳରେ ଥିବା କୀଟାଣୁର ମଧ ଅବସାନ ଘଟେ ।

ଏକ ଗିଲାସ ଥଣ୍ଡା ପାଣିରେ କିଛି ହଳଦୀ ମିଶାଇ କୁଳି କରିବା ଦ୍ୱାରା ପାଟି ଧରାରୁ ମଧ ମୁକ୍ତି ମିଳେ । ହଳଦୀ କ୍ଷତ ହୋଇଥିବା ସ୍ଥାନର ଯନ୍ତ୍ରଣା ଦୂର କରିବା ପାଇଁ ମଧ ସହାୟକ ହୁଏ । ଏଥିପାଇଁ ଏକ ଗିଲାସ କ୍ଷୀରରେ ଗୋଟିଏ ଚାମଚ ହଳଦୀ ମିଶାଇ ପିଇବା ଦ୍ୱାରା କ୍ଷତ ହୋଇଥିବା ସ୍ଥାନରୁ ବୋହୁଥିବା ରକ୍ତ ବନ୍ଦ ହୋଇଯାଏ । ମାଢ଼ ହେଲେ ପାଣି ଓ ହଳଦୀର ଲେପକୁ ଲଗାଇବା ଦ୍ୱାରା ଆରାମ ମିଳେ । ଅଧା ଲିଟର ଗରମ ପାଣି, ଅଧାଚାମଚ ଲୁଣ, ଏକ ଚାମଚ ହଳଦୀକୁ ମିଶାଇ ଏହାକୁ ପାଣିରେ ଭିଜାଇ ପୁଣି ତାକୁ ଚିପୁଡି କ୍ଷତ ହୋଇଥିବା ସ୍ଥାନରେ ସେକ ଦେଲେ ଆରାମ ଲାଗେ ।



ଡାଲଚିନି : ଡାଲଚିନି ବ୍ୟବହାର କରିବା ଦ୍ୱାରା କେବଳ ଯନ୍ତ୍ରଣାରୁ ଉପଶମ ମିଳେ ନାହିଁ ବରଂ ଏହା ଦ୍ୱାରା ବେକ୍ଟେରିଆଲ ଇନଫେକସନରୁ ମଧ ତ୍ରାହି ମିଳେ । ଏକ ଚାମଚ ମହୁ ସହ ଅଳ୍ପ ଡାଲଚିନି ପାଉଡର ମିଶାଇ ଦାନ୍ତରେ ପ୍ରତିଦିନ ଦୁଇ କିମ୍ବା ତିନି ଥର ଘଷିଲେ ଦାନ୍ତର ଯନ୍ତ୍ରଣା ଦୂର ହୁଏ । ଏହାର ପାଉଡରରେ କିଛି ପାଣି ମିଶାଇ ସେହି ମିଶ୍ରଣକୁ ପେଷ୍ଟ କରି ମଥାରେ ଲଗାଇଲେ ଥଣ୍ଡା ଜନିତ ମୁଣ୍ଡବ୍ୟଥାରୁ ଉପଶମ ମିଳେ । ମହୁ ସହ ଡାଲଚିନି ପାଉଡର ମିଶାଇ ପାନ କରିବା ଦ୍ୱାରା ମାନସିକ ସମସ୍ୟାରୁ ରକ୍ଷା ମିଳେ । ଏକ ଚାମଚ ମହୁ ସହ ଅଳ୍ପ ଡାଲଚିନି ପାଉଡର ମିଶାଇ ପିଇଲେ ପେଟ ଯନ୍ତ୍ରଣା ଓ ଏସିଡିଟିରୁ ଆରାମ ମିଳେ । ଉଷୁମ ପାଣିରେ କିଛି ଡାଲଚିନି ପାଉଡର ଏବଂ ମହୁ ମିଶାଇ କଷ୍ଟ ହେଉଥିବା ସ୍ଥାନରେ ମାଲିଶ କଲେ ଉପଶମ ମିଳେ ।

ଚେରି : ଚେରି କଷ୍ଟକୁ କମ୍ କରେ । ବିଭିନ୍ନ ସୂତ୍ରରୁ ଏହା ଜଣାପଡିଛି ଯେ, ପ୍ରତିଦିନ ୪ କିମ୍ବା ୫ ଟି ଚେରି ଖାଇବା ଦ୍ୱାରା ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳେ । ଚେରିରେ ମେଲାଟୋନିନ ନାମକ ଏକ ତତ୍ତ୍ୱର ପରିମାଣ ବହୁ ମାତ୍ରାରେ ଅଛି । ଯାହାକି ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରେ । ଚେରିରେ ଏଥୋସାଇନିନ ନାମକ ଏକ ଲାଲ ରଙ୍ଗର ପିଗମେଣ୍ଟ ମିଳେ । ଏହା ଏଣ୍ଟିଅକ୍ସିଡେଣ୍ଟ ଭଳି କାମ କରେ । ଭିଟାମିନ୍ ସି' ଓ ଏଥୋସାଇନିନ ଦ୍ୱାରା ଆମ ଶରୀରରେ ମିଳୁଥିବା କୋଲାଜେନ ମଜବୁତ ହୁଏ ।

ବାଦାମ : ଏଥିରୁ ଆମକୁ ବିଭିନ୍ନ ତତ୍ତ୍ୱ ମିଳେ ଯାହା ଆମକୁ ଇଂଫ୍ଲାମେଶନରୁ ଉପଶମ କରାଇ ଯନ୍ତ୍ରଣାରୁ ରକ୍ଷା କରେ । ଏହିଭଳି ବାଦାମରେ ରିବୋଫ୍ଲେବିନ୍ ମିଳେ । ଯଦି ବହୁ ସମୟ ଧରି ଦୁର୍ବଳ ଯୋଗୁଁ ହାଲିଆ ଲାଗେ ତେବେ ଏହାକୁ ସେବନ କରିବା ଦ୍ୱାରା ତ୍ରାହି ମିଳେ । ଏହା କେବଳ ଶରୀରକୁ ନୁହଁ ମସ୍ତିଷ୍କକୁ ମଧ ସତେଜ ରଖେ ।

## ସ୍ୱର୍ବେଦ




**ଯୋଗ ଯୋଗ ସବ କୋଇ କହେ,**
**ଯୋଗ ନ ଜାନା କୋୟ ।**
**ଅର୍ଦ୍ଧ ଧାର ଉରଧ ଚଲେ, ଯୋଗ**
**କହାଓ୍ୱେ ସୋୟ ।।୦୭।।**

ଭାଷ୍ୟ - ସମସ୍ତେ ଯୋଗ, ଯୋଗ ବୋଲି କହିଥାନ୍ତି ମାତ୍ର ସଦ୍‌ଗୁରୁଙ୍କ ବିନା କେହି ସୁଦ୍ଧା ଯୋଗକୁ ଜାଣନ୍ତି ନାହିଁ । ଆତ୍ମାର ଅର୍ଦ୍ଧ ଧାରା ଉର୍ଦ୍ଧ୍ୱରେ ପ୍ରବାହିତ କରିବାକୁ ଯୋଗ କୁହାଯାଏ ।

**ମନମଥ ମନ କୋ ମାର କର,**
**ଅମୃତ ଗଙ୍ଗ ନହାୟ ।**
**କସମଲ ଛୁଟେ ଜୀଓ୍ୱ କା,**
**ସଦ୍‌ଗୁରୁ ଯୋଗ ସହାୟ ।।୦୮।।**

ଭାଷ୍ୟ - ସଦ୍‌ଗୁରୁଙ୍କର ଯୋଗ ଦ୍ୱାରା ଜୀବର ସମସ୍ତ ପାପ ଛାଡ଼ିଯାଏ ଆଉ ଆତ୍ମା ମନର ବିଷୟ ତରଙ୍ଗକୁ ନଷ୍ଟକରି ଶୁଦ୍ଧ ଶବ୍ଦାମୃତରେ ସ୍ନାନ କରେ ।

**ପ୍ରକୃତି ଓ୍ୱିୟୋଗ ଜ୍ଞାନ ହୈ,**
**କଶା ଯୋଗ ହୈ ଯୋଗ ।**
**ଜୀଓ୍ୱମୁକ୍ତି ଓ୍ୱର ପାଇୟେ, ୟହୀ**
**ଯୋଗ ପର ଯୋଗ ।।୦୯।।**

ଭାଷ୍ୟ - ପ୍ରକୃତିରୁ ବିମୁକ୍ତ ହେବା ପରେ ହିଁ ଜ୍ଞାନ ହୋଇଥାଏ ଓ ଶବ୍ଦସ୍ୱରୂପ ପରଂବ୍ରହ୍ମଙ୍କର ପ୍ରାପ୍ତିକୁ ହିଁ ଯୋଗ କୁହାଯାଏ । ଯୋଗ ଦ୍ୱାରା ଆତ୍ମା ପ୍ରକୃତି ବନ୍ଧନରୁ ମୁକୁଳି ଜୀବନ୍ମୁକ୍ତ ହୋଇଥାଏ । ଏହା ସର୍ବଶ୍ରେଷ୍ଠ ବିହଙ୍ଗମ ଯୋଗ ଅଟେ ଯାହାକୁ ସଦ୍‌ଗୁରୁ କୃପାରୁ ଲାଭ କରିହୁଏ ।

**ସହଜ ଯୋଗ ପର ଶ୍ରେଷ୍ଠ ହୈ,**
**ସଦ୍‌ଗୁରୁ ମମ ଆଦେଶ ।**
**ସହଜ ସହଜ ମେଲା ବନେ,**
**ସହଜ ସହଜ ନିଜ ଦେଶ ।।୧୦।।**

ଭାଷ୍ୟ - ମୋର ସଦ୍‌ଗୁରୁଙ୍କର ଆଦେଶ ହୋଇଛି ଯେ ସହଜ ଯୋଗ ସର୍ବଶ୍ରେଷ୍ଠ ଅଟେ । ସ୍ୱାଭାବିକ ସରଳତାରେ ଦୁଇ ପଦାର୍ଥର ଯୋଗ ହୋଇଥାଏ ଆଉ ସହଜତାରେ ହିଁ ଏହି ଆତ୍ମା ନିଜର ପ୍ରଦେଶକୁ ପହଞ୍ଚି ଯାଏ ।

**ଯୋଗ କହତ ହୈଁ ଜୋଡ଼ କୋ,**
**ଯୋଗ କହତ ହୈଁ ସନ୍ଧି ।**
**ଯୋଗ ରହସ୍ୟ ଉପାୟ ମେଁ,**
**ଜୀଓ୍ୱ ବ୍ରହ୍ମ କୀ ସନ୍ଧି ।।୧୧।।**

ଭାଷ୍ୟ - ଦୁଇଟି ପଦାର୍ଥର ସମ୍ବନ୍ଧକୁ ହିଁ ଯୋଗ କହନ୍ତି । ଯୋଗ ଆଉ ସନ୍ଧି ଉଭୟ ଶବ୍ଦର ଏକ ହିଁ ଅର୍ଥ ରହିଛି । ଯୋଗର ଭେଦ ଉପାୟରେ ଜୀବ ଓ ବ୍ରହ୍ମର ସମ୍ବନ୍ଧ ହୋଇଥାଏ ।

**ଶବ୍ଦ ସୁରତି ମେଲା ଭୟା,**
**ବୈଠା ଚେତନ ଧାମ ।**
**ମନ ମାୟା ଜଗ ଛୁଟିୟା, ରୂପ**
**ରୂପ ଭୟ ନାମ ।।୧୨।।**

ଭାଷ୍ୟ - ଶବ୍ଦ ସୁରତିର ସମ୍ବନ୍ଧ ହେବା ଫଳରେ ଚେତନଧାମର ପ୍ରାପ୍ତି ହୁଏ ଏବଂ ମନ ମାୟା ଆଉ ସଂସାରର ସମ୍ବନ୍ଧ ଛାଡ଼ିଯାଏ । ସେହି ଅବସ୍ଥାରେ ସମସ୍ତ ପଦାର୍ଥରେ ସେହି ପ୍ରକଟ ନାମ ଉଦ୍ଭାସିତ ହୁଏ ।

**ସହଜ ସନାତନ ଯୋଗ ହୈ,**
**ସହଜ ନିରନ୍ତର ଯୋଗ ।**
**ନହିଁ ଓ୍ୱିୟୋଗ ତିନ କାଲ ମେଁ,**
**ସହଜ ଯୋଗ ହୈ ଯୋଗ ।।୧୩।।**

ଭାଷ୍ୟ - ସହଜ ଯୋଗ ସନାତନ ଆଦି ଯୋଗ ଅଟେ, ଯାହା ସ୍ୱାଭାବିକ ଏବଂ ନିରନ୍ତର ହୋଇ ଚାଲିଥାଏ । ତିନି କାଳଯାଏଁ ଯାହାର ସମ୍ବନ୍ଧ ଛାଡ଼େ ନାହିଁ, ତାହା ସହଜ ଯୋଗ ଅଟେ ।

**ଗୋ ମନ ବାଁଧେ ଯୋଗ ସେ,**
**ଚକ୍ର ନ ସାଧେ ଯୋଗ ।**
**ଗ୍ରନ୍ଥିନ ଭିଦ୍ୟନ୍ତ୍ରୀ ସବେ, ଅନ୍ତର**
**ସାଧନ ଯୋଗ ।।୧୪।।**

ଭାଷ୍ୟ - ଯୋଗ ଚକ୍ରମାନଙ୍କର ସାଧନା ନ କରି ବିହଙ୍ଗମ ଯୋଗରେ ଅନ୍ତରଙ୍ଗ ସାଧନା ଦ୍ୱାରା ଇନ୍ଦ୍ରିୟ ଏବଂ ମନକୁ ସ୍ଥିର କରି ଚିଦାକାଶରେ ନିଜର ଚେତନକୁ ଯୋଗୀ ସ୍ଥିର କରିଥାଏ ଯାହା ଦ୍ୱାରା ସମସ୍ତ କ୍ଲେଶ, ସଂଶୟ ଏବଂ ଅଜ୍ଞାନ ନଷ୍ଟ ହୋଇଯାଏ ।

## ମଧୁମେହ ଦୂରକରେ ଛତୁ



**ଛ**ତୁର ସ୍ୱାଦ ନିଆରା ହୋଇଥିବା ହେତୁ ବଜାରରେ ଏହାର ଦାମ୍ ଦିନକୁ ଦିନ ବୃଦ୍ଧି ପାଉଥିଲେ ହେଁ, ଏହାକୁ ଖାଇବାକୁ ବହୁ ଲୋକ ପସନ୍ଦ କରନ୍ତି । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ରହିଛି । ଛତୁରେ ଅଧିକ ମାତ୍ରାରେ ଫାଇବର ରହିଥିବା ହେତୁ ଏହା ବହୁ ଗମ୍ଭୀର ରୋଗକୁ ଦୂର କରିଥାଏ ।

ମଧୁମେହ: ମଧୁମେହ ବା ଡାଇବେଟିସ ରୋଗୀ ଛତୁ ଖାଇବା ଭଲ । ଏଥିରେ ଶର୍କରାର ମାତ୍ରା (୦.୫ ପ୍ରତିଶତ) ଓ ଷ୍ଟାର୍ଚ ମାତ୍ରା ଖୁବ୍ କମ୍ ରହିଥାଏ । ଛତୁରେ ଭିଟାମିନ୍, ମିନେରାଲ୍ସ ଓ ପ୍ରଚୁର ଫାଇବର ରହିଛି । ଫ୍ୟାଟ୍, କାର୍ବୋହାଇଡ୍ରେଟ୍ ଓ ସୁଗାର ମଧ ରହି ନ ଥାଏ । ଏହା ଶରୀରରେ ଇନସୁଲିନ୍ ପ୍ରସ୍ତୁତ କରିବାରେ ମଧ ସହାୟକ ହୋଇଥାଏ ।

ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ: ଛତୁରେ ପ୍ରଚୁର ପରିମାଣରେ ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ନାଇଟ୍ରୋଜେନ, ଫସଫରିକ୍ ଏସିଡ୍ ରହିଛି । ଯେଉଁଥିପାଇଁ ଛତୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ।

ରକ୍ତହୀନତା: ଛତୁରେ ଭରପୁର ମାତ୍ରାରେ ଆଇରନ ରହିଥାଏ । ଯେଉଁମାନେ ଆନେମିଆ ବା ରକ୍ତହୀନତା ରୋଗର ଶିକାର ହୋଇଥାନ୍ତି ନିୟମିତ ଛତୁ ଖାଇବା ଫଳରେ ଏହି ରୋଗରୁ ମୁକ୍ତି ମିଳିଥାଏ ।

ଓଜନ କମ୍ କରେ: ଛତୁରେ କାର୍ବୋହାଇଡ୍ରେଟ ବହୁ ମାତ୍ରାରେ ରହିଥାଏ । ଏହି କାରଣରୁ ଓଜନ ନିୟନ୍ତ୍ରିତ କରିବାରେ ସହାୟକ ହୋଇଥାଏ ।

ଅସ୍ଥି ଓ ତ୍ୱଚା ରୋଗ: ଏଥିରେ ଥିବା ଭିଟାମିନ୍ ଡି' ଅସ୍ଥି ଓ ତ୍ୱଚା ସମ୍ବନ୍ଧୀୟ ରୋଗରୁ ମୁକ୍ତି ଦେଇଥାଏ ।

## ଏକତା ଓ ସଂହତିର ପର୍ବ ନୂଆଁଖାଇ

### ଯଶୋବନ୍ତ ବିଶ୍ୱାଳ

ଐତିହ୍ୟ ଓ ସଂସ୍କୃତି ସଂପନ୍ନ ଉତ୍କର୍ଷ ଭୂମି ଉତ୍କଳର ପରମ୍ପରା ଅନନ୍ୟ ଓ ଅସାଧାରଣ । ଏଠି ପରମ୍ପରା ଯେପରି ଉଦାର ସଂସ୍କୃତି ସେପରି ଉଦାତ୍ତ । ଉତ୍କଳର ମାଟି, ପାଣି ପବନ ସତେ ଯେମିତି ମହୋଦାର ମାନନୀୟ ଚିନ୍ତନର ଉତ୍ତୁଙ୍ଗ ଅଭିବ୍ୟକ୍ତି । ଏଠି ବାରମାସେ ତେର ପର୍ବ ପାଳିତ ହୁଏ । ସମସ୍ତ ପର୍ବ ପର୍ବାଣୀ ପାଳନର ଅନ୍ତରାଳରେ ରହିଛି ଅନେକ ଗୂଢ଼ ତଥ୍ୟ ଓ ତତ୍ତ୍ୱ । ସାମାଜିକ ଶୃଙ୍ଖଳା, ସାଂସ୍କୃତିକ ଉନ୍ନତି ଓ ଆଧ୍ୟାତ୍ମିକ ପ୍ରଗତିର ବଳିଷ୍ଠ ବାହକ ଏଇ ପର୍ବ ପର୍ବାଣୀ । ଜୀବନର ଗତି, ସ୍ଥିତି ଓ ମୁକ୍ତିର ଗରୀୟାନ ପରମ୍ପରା । ପର୍ବ ପର୍ବାଣୀ ପାଳନ ଦ୍ୱାରା ସମାଜର ସବୁ ସ୍ତରର ବ୍ୟକ୍ତି ବିଶେଷଙ୍କ ସହ ସାମ୍ୟ ଦର୍ଶନର ଭାବ ଉଦ୍ରେକ କରେ । ଐକ୍ୟ ଭାବର ବନ୍ଧନରେ ବାନ୍ଧିରଖେ । ସେଥିପାଇଁ ଓଡ଼ିଶାର ଆରାଧ୍ୟ ଦେବତା ଓଡ଼ିଶାର ନାଥ ନୁହନ୍ତି ସେ ସମଗ୍ର ଜଗତର ନାଥ ଜଗନ୍ନାଥ । ସେପରି ମାଆଁ ଲକ୍ଷ୍ମୀ କେବଳ ଜଣକର ମାଆଁ ନୁହନ୍ତି । ପୁଅର ମାଆଁ, ଝିଅର ବି ମାଆଁ, ଅଜାର ମାଆଁ, ଆଈର ବି ମାଆଁ, ବାପର ମାଆଁ ଆଉ ମାଆଁର ବି ମାଆଁ ସମସ୍ତଙ୍କର ମାଆଁ । କେତେ ତୁଙ୍ଗ ପରମ୍ପରା ଉତ୍ତୁଙ୍ଗ ସଂସ୍କୃତି ।

ସେହିପରି ବଳିଷ୍ଠ ପରମ୍ପରା ଓ ଗରିଷ୍ଠ ସଂସ୍କୃତିର ପର୍ବ ଆମ ପଶ୍ଚିମ ଓଡ଼ିଶାର ନୂଆଁଖାଇ । ନୂଆଁଖାଇ ନବ ଅନ୍ନର ପର୍ବ । ଏହି ନବ ଅନ୍ନ ପୂଜନର ଉଜ୍ଜ୍ୱଳ ପରମ୍ପରା କେଉଁ ଆବାହମାନ କାଳରୁ ପ୍ରଚଳିତ ହୋଇ ଆସୁଛି ନୂତନ ଉତ୍ସାହ, ନବୀନ ପ୍ରେରଣା ଓ ନବ ଉଦ୍ଦୀପନା ନେଇ । ଅନ୍ନ ପୂଜନ ବା ଅନ୍ନର ମହିମା ସୃଷ୍ଟି ପ୍ରାରମ୍ଭରୁ ରହିଛି । ବୈଦିକ ଯୁଗର ମନ୍ତ୍ରଦ୍ରଷ୍ଟା ମୁନିମାନେ ଅନ୍ନର ପ୍ରାଧାନ୍ୟ ବର୍ଣ୍ଣନା କରି ଯର୍ଜୁର୍ବେଦରେ ଉଲ୍ଲେଖ କରିଛନ୍ତି- ଓବନମ୍ ଉଦବ୍ରବତେ ପରମେଷ୍ଠୀ ବା ଏଷଥ୍ୟୋଦନଃ । ଅର୍ଥାତ୍ (ସିଦ୍ଧଚାଉଳ (ଅନ୍ନ) ହେଉଛି ସ୍ୱୟଂ ଶ୍ରେଷ୍ଠ ବ୍ରହ୍ମ, ତାର ସେବନକାରୀ ସର୍ବଦା ଶ୍ରେଷ୍ଠ ଐଶ୍ୱର୍ଯ୍ୟ ଶରୀର ଓ ସର୍ବୋତ୍କୃଷ୍ଟ ସଂପଦରୂପୀ ଲକ୍ଷ୍ମୀ ଆୟୁ ପ୍ରାପ୍ତ ହୁଅନ୍ତି । ଠିକ୍ ସେହିପରି ଅନ୍ନର ଅନ୍ତଃଚିନ୍ତା ଭଗବତ୍ ଗୀତାରେ ମଧ ଉକ୍ତ ଅଛି- ଅନ୍ନାଦ ଭବନ୍ତି ଭୂଣନି ପର୍ଯ୍ୟନ୍ୟାଦନ୍ନସମ୍ଭବଃ (କର୍ମଯୋଗ) । ପୁରାଣ ଯୁଗରେ ମଧ ଅନୁରୂପ ଅନ୍ନର ମହାତ୍ମ୍ୟ ପ୍ରତିପାଦିତ ହୋଇଛି ଯେପରି ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଋଷିମୁକ ପର୍ବତରେ ଅବସ୍ଥାନ କରିଥାନ୍ତି ସେ ସମୟରେ ବନବାସୀମାନଙ୍କ ଦ୍ୱାରା ନବଶର୍ଯ୍ୟା ସଂରକ୍ଷଣ ଓ ତାର ଯଥାରୀତି ପିତୃପୁରୁଷଙ୍କୁ ପୂଜା ଓ ଅର୍ପଣାଦି କାର୍ଯ୍ୟକ୍ରମକୁ ଲକ୍ଷଣ ଅଗ୍ରଜ ରାମଚନ୍ଦ୍ରଙ୍କୁ ଦେଖାଇ ତାର ଭୂୟଶୀ ପ୍ରଶଂସା କରିଥିଲେ (ଅରଣ୍ୟକାଣ୍ଡ) । ଠିକ୍ ସେହିପରି ମହାଭାରତରେ ଦ୍ରୌପଦୀ ଗୁରୁ ସାନ୍ଦିପନୀଙ୍କ ସହସ୍ର ଶିଷ୍ୟଙ୍କୁ ଶାଳୀ ଅନ୍ନ ଭୋଜନ ଦେଇ ପ୍ରଶଂସାର ପ୍ରାଣୀ ହୋଇଥିଲେ ।

ସେହିପରି ଅନ୍ନର ମହିମାରେ ମହିମାନ୍ୱିତ ନବାନ୍ନ ବା ନୂଆଁଖାଇ ପର୍ବ ପାଳନର ଗରୀୟାନ ପରମ୍ପରା ଆମ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଏକ ଗର୍ବ ଓ ଗୌରବର କଥା । ଏହି ପର୍ବ ଆଗକାଳରେ ଭିନ୍ନ ଭିନ୍ନ ତିଥିରେ ପାଳିତ ହୋଇଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୟାନନ୍ଦ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସ୍ଥିରୀକୃତ ହେଲା ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିକୁ । ସେଦିନକୁ ଋଷି ପଞ୍ଚମୀ ମଧ କୁହାଯାଏ । ଶୁଭ ଲଗ୍ନ ନିର୍ଣ୍ଣୟ ପୂର୍ବକ ପରିବାରର ସମସ୍ତେ ଯିଏ ଯେଉଠି ଥାଉନା କାହିଁକି ଏହି ନୂଆଁଖାଇ କି ନିଶ୍ଚୟ ଆସି ଘରେ ପହଞ୍ଚିବ ଏବଂ ପ୍ରାତଃ ରୁ ସ୍ନାନାଦି ନିତ୍ୟକର୍ମ ସମାପନ କରି ନୂଆଁ ଚାଉଳକୁ ଯଥାରୀତି ପ୍ରସାଦ ତିଆରି ପାଇଁ ମାଆଁ କିମ୍ବା ଘରର ବୟୋଜ୍ୟେଷ୍ଠ ମାନେ ଏକାଗ୍ର ନିଷ୍ଠା ନେଇ ପ୍ରସ୍ତୁତ କରନ୍ତି । ଅନ୍ୟମାନେ ଲାଗି ପଡ଼ନ୍ତି ଛଅତିଅଣ ନଭୁଜା ପାଇଁ ଘରର ମୁରବି ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି କୌଣସି ଶସ୍ୟ କ୍ଷେତ୍ରକୁ ଯାଇ ସେଠି ଶୁଦ୍ଧ ପୂତ ମନରେ ମା ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବାର ମଧ ପରମ୍ପରା ଦେଖାଯାଏ । ନୂଆଁ ଚାଉଳର ପ୍ରସାଦ ତିଆରି ହେଲା ପରେ ପରିବାରର ମୁଖ୍ୟ କାୟମନ ବାକ୍ୟରେ ଇଷ୍ଟ ଦେବାଦେବୀଙ୍କ ନିକଟରେ ସେହି ପ୍ରସାଦକୁ ପୂଜାର୍ଚ୍ଚନା କରି ସମର୍ପଣ କରନ୍ତି । ଏପରିକି ପିତୃପୁରୁଷଙ୍କୁ ମଧ ଆମନ୍ତ୍ରଣ କରିବାର ଦେଖାଯାଏ । ଇଷ୍ଟ ଦେବାଦେବୀଙ୍କୁ ପ୍ରସାଦ ଲାଗି ସରିଲେ, ପରିବାର ସମସ୍ତେ ଏକତ୍ର ଉପବେଶନ କରି ନବପତ୍ରରେ ସେହି ନବାନ୍ନକୁ ପରସାଯାଏ । ଏକତ୍ର ଭୋଜନର ଏହି ମହାନ ପରମ୍ପରାକୁ ଲକ୍ଷ୍ୟକରି ମନୀଷୀମାନେ ଯଥାର୍ଥରେ କହିଥିଲେ-

ସହନା ବବତୁ ସହନୌ ଭୁନକ୍ତୁ ସହବୀର୍ଯ୍ୟ କରବା ବହୈ
ତେଜସ୍ୱୀ ନା ବଧିତମସ୍ତୁ ମା ବିଦ୍ୱିଷ୍ୟ ବହୈ । (ଉପନିଷଦ)

ଏକାଠି ବସି ଏକତ୍ର ଭୋଜନ କଲେ ଏକତାର ଶକ୍ତି ଉତ୍ପନ୍ନ ହୁଏ । ଐକ୍ୟର ତେଜସ୍ୱିତା ଅନ୍ତରରେ ଜାଗ୍ରତ ହୁଏ । ନିଜ ନିଜ ମଧରେ ବିଦ୍ୱେଷ ଦୂରେଇ ଯାଇ ଆତ୍ମୀୟତା ବଢ଼ିଥାଏ । କେତେ ଉଚ୍ଚାଙ୍ଗ ପରିକଳ୍ପନା ।

ବାସ୍ତବିକତା ଦୃଷ୍ଟିରୁ ନୂଆଁଖାଇ ପର୍ବ ପାଳନ ପାଇଁ ସମସ୍ତଙ୍କ ମନରେ ଅଶେଷ ଆଗ୍ରହ, ଅକୁଣ୍ଠ ନିଷ୍ଠା ପାଇଥାଏ । ଏକତ୍ର ଭୋଜନ, ଏକତ୍ର ଉପବେଶନ ତଥା ଏକତ୍ର ସମ୍ଭାଷଣ ହିଁ ସମସ୍ତ ମନୋମାଳିନ୍ୟକୁ ଦୂରେଇ ଦିଏ । ନୂଆଁଖିଆ ସରିଲେ ପରିବାରରେ ପଡାରେ ଏପରିକି ସାମୂହିକ ଭାବରେ ଗାଁ ମଝା ଖୁଲିରେ ସମବେତ ହୋଇ ଭକ୍ତି, ଶ୍ରଦ୍ଧା ଓ ସମ୍ମାନର ସହ କନିଷ୍ଠମାନେ ବରିଷ୍ଠମାନଙ୍କୁ ପ୍ରଣିପାତ କରିଥାନ୍ତି । ଏହାଦ୍ୱାରା ସମସ୍ତଙ୍କ ସହିତ ସମସ୍ତଙ୍କର ଆତ୍ମୀୟତା, ଆନ୍ତରିକତା ବୃଦ୍ଧିପାଇଥାଏ । ହିଂସା, କପଟ, ରାଗ-ରୁଷା, ମାନ-ଅଭିମାନ ସ୍ୱତଃ ମନରୁ ଧୋଇ ହୋଇଯାଇ ସାମୂହିକ ଉନ୍ନତି ସାମୂହିକ ଉନ୍ନତି ସାମୂହିକ ପ୍ରଗତିର ବାଟ ଫିଟାଇ ଥାଏ । ସେଥିପାଇଁ ମୁନିଋଷିମାନେ ସାମୂହିକ ହିତସାଧନୀ ମନ୍ତ୍ର ଗାନ କରି କହିଥିଲେ-

ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ, ମାକଶ୍ଚିତ ଦୁଃଖଭାଗ ଭବେତ ।

ବ୍ୟକ୍ତି ସ୍ୱାର୍ଥପରତାକୁ ଜଳାଞ୍ଜଳି ଦେଇ ସାମୂହିକ ସମୁନ୍ନତି ସକାଶେ ଉତ୍ସର୍ଗୀକୃତ ହେବା ପାଇଁ ପ୍ରେରଣା ପ୍ରଦାନ କରୁଥିବା ଏହି ନୂଆଁଖାଇ 'ବାସ୍ତବିକ ଏକତା ଓ ସଂହତିର ମହାନ ଗଣପର୍ବ' ।

**ଦେଉଳୀ, ପଦ୍ମପୁର, ବରଗଡ଼**

## ଟିକିଏ ହସନ୍ତୁ

ସୋନୁର ଫିଜିକ୍ସ ପରୀକ୍ଷା ଥାଏ । ପ୍ରଶ୍ନ ଥିଲା – କେଉଁ ଲିକ୍ୱିଡ଼କୁ ଗରମ କଲେ ତାହା ସଲିଡରେ ପରିଣତ ହୁଏ ? ଅନେକ ଭାବିବା ପରେ ସୋନୁ ଲେଖିଲା: ପକୁଡ଼ି ପାଇଁ ଗୋଳା ଯାଇଥିବା ବେସନ ।

× × × ×

ଜଣେ ସମ୍ପର୍କୀୟା ମହିଳା ସୋନିର ଶାଶୁଙ୍କୁ: ବୋହୂ କେମିତିଆ ?
ସୋନିର ଶାଶୁ: ମୋ ବୋହୂ ବହୁତ ପରିଶ୍ରମୀ ।
ଦିନ ରାତି ସେ କ୍ୟାଣ୍ଡି କ୍ରସ୍ ଖେଳେ । ବହୁତ ପରିଶ୍ରମ କରି ଏବେ ସେ ୨୬୮ ଲେଭଲ ପର୍ଯ୍ୟନ୍ତ ପହଞ୍ଚିଗଲାଣି ।
ଫେସ୍‌ବୁକ୍‌ରେ ୫୦୦୦ ଫ୍ରେଣ୍ଡ, ୧୦,୦୦୦ ଫଲୋୟର । ୬୮ ଟି ଗ୍ରୁପର ସେ ଆଡ଼ମିନ୍, ୧୬ଟା ପେଜ୍ ଚଲଉଛି । ନାଚି ନାଚି ରିଲ୍ସ କରି ହାଲିଆ ହେଇଯାଉଛି । ଭାବୁଛି ତାକୁ ବାଦାମ ଦେବି । ଯେମିତିକି ସେ ଆହୁରି ପରିଶ୍ରମ କରିବ ।

× × × ×



ସ୍ୱାମୀ ସ୍ତ୍ରୀଙ୍କୁ: ମୁଁ ତୁମକୁ ବହୁତ ଭଲ ପାଏ ।
ସ୍ତ୍ରୀ: ମୁଁ କ'ଣ ତମକୁ ଭଲ ପାଉନି ?
ମୁଁ ପରା ତମ ପାଇଁ ସାରା ଦୁନିଆ ସହ ଲଢ଼ି ପାରିବି ।
ସ୍ୱାମୀ: ହେଲେ ତମେ ତ ସବୁବେଳେ ମୋ ସହ ହିଁ ଲଢ ।
ସ୍ତ୍ରୀ: ଏତିକି ଜାଣି ପାରୁନ, ତମେ ପରା ମୋ ଦୁନିଆ ।

× × × ×

ରାମୁ କେନାଲ ପାଖରେ କ'ଣ ଗୋଟେ ଖୋଜୁଥିଲା । ଏହାଦେଖି ତାକୁ ଅଜୁ ପଚାରିଲା, ଆରେ ରାମୁ କ'ଣ କରୁଛୁ ?
ରାମୁ: ମୁଁ ପାଣିରେ ଟଙ୍କା ଖୋଜୁଛି ।
ଅଜୁ: ହେଲେ ପାଣିରେ କ'ଣ ତୋର ଟଙ୍କା ପଡ଼ିଯାଇଛି କି !
ରାମୁ: ଆରେ ନା ।
ଅଜୁ: ହେଲେ, ସେଠି କାଇଁ ଟଙ୍କା ଖୋଜୁଛୁ ?
ରାମୁ: ଆରେ ମୋ ବାପା କହୁଥିଲେ, ତୋତେ ପାଠ ପଢ଼ାଇ ମୋ ଟଙ୍କା ପାଣିରେ ଫୋପାଡ଼ିବା ସହିତ ସମାନ, ସେଥିପାଇଁ ବାପା ପାଣିରେ କେଉଁଠି ଟଙ୍କା ଫୋପାଡ଼ିଛନ୍ତି ତାକୁ ଖୋଜୁଛି ।

× × × ×

(ଗ୍ରାହକଟିଏ ଦାଢ଼ି କାଟିବାକୁ ସେଲୁନ୍ ଗଲେ)
ଗ୍ରାହକ : ମୋର ଟିକେ ଦାଢ଼ି କାଟିଦେବ ।
ଦୋକାନୀ: ହଁ ଭାଇ କାଟୁଛି ।
ଗ୍ରାହକ: ଆରେ ଭାଇ ତୁମେ ଏ କ'ଣ କଲ ? ମୋର ଦାଢ଼ି କାଟୁ କାଟୁ ମୋ ଗାଲରୁ ଚମଡ଼ା ଛଡାଇ ଦେଲ ।
ଦୋକାନୀ: ଆରେ ଭାଇ ତୁମେ ଚିନ୍ତା କରନି, ମୁଁ କେବଳ ଦାଢ଼ି କଟାର ପଇସା ନେବି ।

## ବାଇଗଣର ଉପକାରିତା

ବାଇଗଣରେ ବହୁ ଭିଟାମିନ୍ ଭରପୁର ମାତ୍ରାରେ ରହିଛି । ଏହା ଖାଇବା ଦ୍ୱାରା ମିନେରାଲ, ଫାଇବର ସହ ଅତ୍ୟଧିକ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ । ଯାହା ବ୍ରଣ ଭଳି ଚର୍ମ ହାନୀକାରକ ରୋଗକୁ ମଧ କମାଇଥାଏ ।

ଏହା ଚର୍ମକୁ ମଇଶ୍ଚର ରଖିବାରେ ଉପାଦେୟ ହୋଇଥାଏ । ଯଦି ଆପଣଙ୍କ ଚର୍ମ ଶୁଷ୍କ କିମ୍ବା କେଶ ଡ୍ରାଏ ଅଛି ତେବେ ବାଇଗଣକୁ ଖାଦ୍ୟ ରୂପେ ଅଧିକ ବ୍ୟବହାର କରନ୍ତୁ ।

ଏହା ବ୍ୟତୀତ ଏଥିରେ ଆଇରନ, କ୍ୟାଲସିୟମ ପ୍ରଚୁର ମାତ୍ରାରେ ରହିଥାଏ । ଏହା ଖାଇବା ଦ୍ୱାରା ମଧୁମେହ ଏବଂ ହୃଦରୋଗ ଭଳି ରୋଗ ହେବାର ଆଶଙ୍କା କମ୍ ହୋଇଥାଏ ।

ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆର୍ଥୋୟନିସ ଅଧିକ ଥାଏ । ଯାହା ବୟସ ବଢ଼ିବାର ପ୍ରକ୍ରିୟାକୁ କମ୍ କରିଥାଏ ।

ଏଥିରେ ଫାଇବର ମାତ୍ରା ଅଧିକ ରହିଥିବାରୁ ଏହା ଭିଟାମିନ୍‌ରେ ଭରପୁର ହୋଇଥାଏ । ଫଳରେ ପେଟ ସଫା ହେବାରେ ଏହା ସହାୟକ ହୋଇଥାଏ ।

ଅତ୍ୟଧିକ ପାଣି ରହିଥିବାରୁ ଏହା ତ୍ୱଚାକୁ ହାଇଡ୍ରେଟ କରିଥାଏ । ସେହିପରି ଏହା କଲେଷ୍ଟ୍ରୋଲ ସ୍ତରକୁ କମାଇଥାଏ । କାରଣ ଏଥିରେ କ୍ୟାଲସିୟମ ଓ ମ୍ୟାଗନେସିୟମ ରହିଥାଏ ।

ଭିଟାମିନ୍ 'ସି' ଥିବାରୁ ଏହା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ହୋଇଥାଏ ଏବଂ ସଂକ୍ରମଣରୁ ରକ୍ଷା କରିଥାଏ । ସବୁଠାରୁ ବାଇଗଣର ଭଲ



ଗୁଣ ହେଉଛି ଯଦି ଆପଣ ସିଗାରେଟ୍ ଛାଡିବାକୁ ଚାହୁଁଛନ୍ତି ତାହାହେଲେ ବାଇଗଣ ଅଧିକ ଖାଆନ୍ତୁ । କାରଣ ଏଥିରେ ଥିବା ନିକୋଟିନର ମାତ୍ରା ସିମୀତ ରହିଥାଏ ।

ବାଇଗଣର ରସ ଦାନ୍ତ ବଥାଉଥିଲେ ଏହା ଫଳପ୍ରଦ ହୋଇଥାଏ । ଏହା ଚର୍ବିକୁ ଜଳେଇ କ୍ୟାଲୋରୀକୁ କମ୍ କରିଥାଏ । ଏହାକୁ ଖାଇବା ଦ୍ୱାରା ଶୀଘ୍ର ଭୋକ ହୋଇ ନ ଥାଏ । କାରଣ ଫାଇବର ଦ୍ୱାରା ପେଟପୁରା ହୋଇଥାଏ ଏହା ଦ୍ୱାରା ଆମ ଶରୀରର ଓଜନ ମଧ ହ୍ରାସ ହୋଇଥାଏ । ଭୋଜନର ଠିକ୍ ପୂର୍ବରୁ ଅଧା ସିଝା ବାଇଗଣ ସାଙ୍ଗରେ ସାଲାଡ଼ ଏବଂ ସବୁଜ ପରିବାକୁ ଯଦି ସେବନ କରାଯାଏ ତ ଧିରେ ଧିରେ ଆମ ଶରୀରର ଓଜନ କମିବାକୁ ଲାଗିଥାଏ ।

## ଏସିଡିଟିରୁ ମୁକ୍ତିଦିଏ କଳାଜିରା

କଳାଜିରାରେ ବହୁ ଗୁଣ ରହିଛି, ଯାହାକୁ ବ୍ୟବହାର କରିବା ଫଳରେ ବହୁ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ । ଏହା ଖାଦ୍ୟରେ ସ୍ୱାଦ ବୃଦ୍ଧି କରିବା ସହ ଆୟୁର୍ବେଦିକ ଔଷଧଭାବେ ବିଭିନ୍ନ ପ୍ରକାରରେ ବ୍ୟବହାର କରାଯାଏ ।

କଳାଜିରାରେ ଆଇରନ, ସୋଡିୟମ, କ୍ୟାଲସିୟମ, ପୋଟାସିୟମ ଓ ଫାଇବର ତତ୍ତ୍ୱ ରହିଛି । ଏଥିରେ ଏମିନୋ ଏସିଡ ଓ ପ୍ରୋଟିନ ଭରପୁର ରହିଛି । ଏହି କାରଣରୁ ଆୟୁର୍ବେଦରେ ଏହାକୁ ବ୍ୟବହାର କରାଯାଇଥାଏ । ସକାଳୁ ଉଠି ଖାଲି ପେଟରେ କଳାଜିରା ଖାଇଲେ ଡାଇବେଟିସ୍ ଓ ଏସିଡିଟି ସମସ୍ୟାରୁ ମୁକ୍ତି ମିଳିଥାଏ । କଳାଜିରାକୁ ବାଟି ମୁହଁରେ ଲଗାଇଲେ ବ୍ରଣ ସମସ୍ୟାରୁ ମଧ ମୁକ୍ତି ମିଳିଥାଏ । କଳାଜିରା ଖାଇବା ଫଳରେ ଧ୍ୟଶକ୍ତି ବୃଦ୍ଧି ପାଇଥାଏ । ଏହାଦ୍ୱାରା ଶ୍ୱାସ ଓ ମାଂସପେଶୀ ଯନ୍ତ୍ରଣାରୁ ମଧ ମୁକ୍ତି ଦେଇଥାଏ । କଳା ଜିରାରେ ପର୍ଯ୍ୟାପ୍ତ ମାତ୍ରାରେ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି, ଯାହାକି ରୋଗରୁ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହୋଇଥାଏ । ଯଦି ଆପଣଙ୍କର କଫ ସମସ୍ୟା ରହିଛି, ତେବେ କଳାଜିରାର ତେଲ ବ୍ୟବହାର କରିବା ଖୁବ୍ ଫଳପ୍ରଦ ।



ଏହା ମଧ ଶରୀରରୁ ବିଷାକ୍ତ ଉପାଦାନକୁ ସଫା କରିବା କାମ କରିଥାଏ । ସକାଳୁ ଖାଲି ପେଟରେ ଏହାକୁ ଖାଇବା ଫଳରେ ପେଟର ବିଭିନ୍ନ କ୍ଷତିକାରକ ତତ୍ତ୍ୱ ବାହାରି ଯାଇଥାଏ । କଳାଜିରା ତେଲରେ ଅଲିଭ ଅଏଲ ଓ ମେହେନ୍ଦି ପାଉଡର ମିଶାଇ ହାଲକା ଗରମ କରନ୍ତୁ । ଏହି ମିଶ୍ରଣ ଥଣ୍ଡା ହୋଇଯିବା ପରେ ଏହାକୁ ଶିଶିରେ ବନ୍ଦ କରି ରଖି ଦିଅନ୍ତୁ । ଏହି ତେଲରେ ସପ୍ତାହକୁ ଦୁଇ ଥର ମସାଜ କରିବା ଫଳରେ ଚନ୍ଦାପଣ ସମସ୍ୟାରୁ ମୁକ୍ତି ମିଳିଥାଏ । କେଶରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲେମ୍ବୁ ରସ ମସାଜ କରିବା ପରେ କେଶକୁ ଭଲ ଭାବରେ ସଫା କରିଦିଅନ୍ତୁ । ଏହାପରେ କଳାଜିରା ତେଲକୁ ବ୍ୟବହାର କରି କେଶକୁ ଭଲ ଭାବରେ ମସାଜ କରନ୍ତୁ । ୧୫ ମିନିଟ୍ ପର୍ଯ୍ୟନ୍ତ କେଶକୁ ଖୋଲା ଛାଡି ଦିଅନ୍ତୁ । ଏହି ପ୍ରକ୍ରିୟା କରିବା ଫଳରେ କେଶ ଝଡିବା ସମସ୍ୟା ଦୂର ହୋଇଯାଇଥାଏ ।

## ଆପଣ ଜାଣନ୍ତି କି ?

- ପ୍ରସିଦ୍ଧ ପୁସ୍ତକ 'ଉଇ ଦ ପିପୁଲ'ର ଲେଖକ ହେଉଛନ୍ତି ନନି ପାଲକିୱାଲା ।
- ଫରାସୀପ୍ରସିଦ୍ଧ ଔପନ୍ୟାସିକା ଏମିଲି ଜୋଲାଙ୍କ ପୁରାନାମ ଏମିଲି ଏଡ୍‌ୱାର୍ଡ ଆଣ୍ଟୋନି ଜୋଲା ।
- ଇଂରେଜ ଔପନ୍ୟାସିକ ତଥା କବି ଥୋମାସ୍ ହାର୍ଡିଙ୍କ ଜନ୍ମ ଜୁନ୍ ୨ ତାରିଖ ୧୮୪୦ ମସିହାରେ ଇଂଲଣ୍ଡର ଷ୍ଟାନ୍ସଫୋର୍ଡ ଠାରେ ହୋଇଥିଲା ।
- ଏରିକ୍‌ଆର୍ଥରବ୍ଲେୟାରଙ୍କ ପେନ୍ ନେମ୍ (କଲମ୍ ନାମ) ଜର୍ଜ ଓରୱେଲ ।
- ସ୍କଟିସ୍ ଔପନ୍ୟାସିକ ସାର ୱାଲଟର ସ୍କଟ୍‌ଙ୍କ ଜନ୍ମ ଅଗଷ୍ଟ ୧୫, ୧୭୭୧ ମସିହାରେ ଏଡିନବର୍ଗ ଠାରେ ହୋଇଥିଲା ।
- ମୁନ୍‌ସି ପ୍ରେମଚାନ୍ଦ ଭାବେ ଜଣାଶୁଣା ଭାରତୀୟ ଔପନ୍ୟାସିକ ପ୍ରେମଚନ୍ଦଙ୍କ ପ୍ରକୃତ ନାମ ଧନପତ ରାୟ ।
- ଫରବିଡ୍ଡେନ୍ ଭର୍ସେସ୍‌ର ଲେଖକ ଆରବୀୟ କବି ଅବୁ ନୁୱାସ୍ ଅଲ୍ ହସନ ଇବନ୍ ହନି ଏଲ୍ ହକ୍କାନି ।
- ପ୍ରସିଦ୍ଧ ବାଂଲାଦେଶୀ ଲେଖିକା ତସଲିମା ନାସାରିନ୍ ପେଶାରେ ଜଣେ ଡାକ୍ତର ।
- ସୌର ମଣ୍ଡଳର ସୂର୍ଯ୍ୟଙ୍କ ଶକ୍ତିକୁ ମହାକର୍ଷଣ ଶକ୍ତି କୁହନ୍ତି ।
- ଉପଗ୍ରହ ଚନ୍ଦ୍ରର ନିଜର ଆଲୋକ ନାହିଁ ସେ ସୂର୍ଯ୍ୟଙ୍କ ଆଲୋକରେ ଆଲୋକିତ ।
- ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ପୃଥିବୀ ରହିଲେ ସୂର୍ଯ୍ୟପରାଗ ହୁଏ ।

## ସ୍ୱାସ୍ଥ୍ୟ ପାଇଁ ଭଲ ଅଖରୋଟ୍

ଅଖରୋଟ୍ କେବଳ ହୃତପିଣ୍ଡ ପାଇଁ ହିତକର ନୁହେଁ, ମସ୍ତିଷ୍କ ପାଇଁ ମଧ ଖୁବ୍ ଭଲ । ବୟସ୍କଙ୍କ ବୋଧଶକ୍ତି ଅକ୍ଷୁର୍ଣ୍ଣ ରଖିବାରେ ଅଖରୋଟ ସାହାଯ୍ୟ କରେ ବୋଲି ସଦ୍ୟ ଅଧ୍ୟୟନରୁ ଜଣାପଡିଛି । ଅଧ୍ୟୟନ ଅନୁସାରେ ପୌଢ଼ାବସ୍ଥାରେ ଅଖରୋଟ ଖାଇବା ଦ୍ୱାରା ଧୀ ସମ୍ବନ୍ଧୀୟ ପତନ ଧୀମା ହୋଇପାରେ । ଆମେରିକୀୟ ପତ୍ରିକା କ୍ଲିନିକାଲ ନ୍ୟୁଟ୍ରିସନରେ ଅଧ୍ୟୟନଟି ପ୍ରକାଶ ପାଇଛି । ଗବେଷଣାରୁ



ଜଣାପଡିଲା, ଦୁଇ ବର୍ଷ ମଧ୍ୟରେ ଅଖରୋଟ ଖାଇଥିବା ବୟସ୍କଙ୍କ ସ୍ମୃତି ସମ୍ବନ୍ଧୀୟ କାର୍ଯ୍ୟକଳାପରେ ଅଳ୍ପ ପ୍ରଭାବ ପଡିଥିଲା । କିନ୍ତୁ ଯେଉଁ ବୟସ୍କମାନେ ଧୂମପାନ କରିଥିଲେ ଏବଂ ସ୍ନାୟବିକ ପରୀକ୍ଷାରେ ଦୁର୍ବଳ ଥିଲେ, ସେମାନଙ୍କ ଠାରେ ଅଖରୋଟର ପ୍ରଭାବ ବହୁତ ଭଲ ଜଣାପଡିଲା । ଏହି ଫଳାଫଳ ସେତେ ବଡ଼ ଧରଣର ନ ଥିଲା, କିନ୍ତୁ ଦୀର୍ଘସମୟ ଧରି ଏ ନେଇ ଗବେଷଣା କରାଗଲେ ଆହୁରି ଭଲ ନିଷ୍କର୍ଷ ବାହାରିବେ ବୋଲି ଏହାର ଅଧ୍ୟୟନକର୍ତ୍ତା ଆମେରିକାର ଲୋମା ଲିଣ୍ଡା ୟୁନିଭର୍ସିଟିର ଜୋନ ସାବେଟ୍ କହିଛନ୍ତି । ଗବେଷକମାନେ ଲୋମା ଲିଣ୍ଡା, କାଲିଫର୍ଣ୍ଣିଆ, ଆମେରିକା, ବାର୍ସେଲୋନା, କାଟାଲୋନିଆ ଓ ସ୍ପେନର ପ୍ରାୟ ୬୪୦ ବୟସ୍କଙ୍କୁ ପରୀକ୍ଷା କରିଥିଲେ । ତନ୍ମଧ୍ୟରୁ ଗୋଟିଏ ଦଳକୁ ୨ ବର୍ଷଧରି ଅଖରୋଟ ଖାଇବାକୁ ଦିଆଯାଇଥିଲା । ଅନ୍ୟ ଦଳକୁ ଅଖରୋଟ ଠାରୁ ଦୂରରେ ରଖାଗଲା । ଅଖରୋଟରେ ଓମେଗା -୩ ଫ୍ୟାଟି ଏସିଡ୍ ଓ ପଲିଫେନଲ ରହିଛି, ଯାହା ଧୀ ସମ୍ବନ୍ଧୀୟ ପତନ ପାଇଁ ଦାୟୀ ଅବସାଦ, ଚାପ ଆଦିରୁ ବ୍ୟକ୍ତିକୁ ଦୂରରେ ରଖେ ବୋଲି ପୂର୍ବ ଅଧ୍ୟୟନରୁ ସ୍ପଷ୍ଟ ହୋଇଛି । ବୋଧଶକ୍ତି ଉପରେ ଅଖରୋଟର ପ୍ରଭାବ ସମ୍ପର୍କିତ ଏହି ପରୀକ୍ଷା ବେଶ ସନ୍ତୁଳିତ ଓ ସଠିକ୍ ବୋଲି ଅଧ୍ୟୟନର ଗବେଷକମାନେ ସ୍ପଷ୍ଟ କରିଛନ୍ତି । ଅଖରୋଟର କୋଲେଷ୍ଟେରଲ ହ୍ରାସକାରୀ ପ୍ରଭାବ ରହିଛି । ରକ୍ତରେ କୋଲେଷ୍ଟେରଲ ମାତ୍ରା ମଧ ହ୍ରାସକରେ ବୋଲି ଅଧ୍ୟୟନରେ ସାମିଲ ଗବେଷକମାନେ ବହୁ ପୂର୍ବରୁ ଆବିଷ୍କାର କରିଥିଲେ ।

## ଦେହ ପାଇଁ ଭଲ ସେଓ

ଇଂରାଜୀରେ ଏକ ଢ଼ଗ ଅଛି 'ଓ୍ୱାନ୍ ଏପଲ ଏ ଡେ, କିପସ ଦ ଡକ୍ଟର ଆୱେ' ଅର୍ଥାତ୍ ଗୋଟିଏ ସେଓ ଖାଅ ଓ ଡାକ୍ତରଙ୍କୁ ଦୂରରେ ରଖ । ଭିଟାମିନ୍, ଖଣିଜ ତଥା ଶରୀର ପାଇଁ ଆବଶ୍ୟକ ହେଉଥିବା



ଯାବତୀୟ ପୋଷକ ତତ୍ତ୍ୱରେ ଭରପୁର ଏହି ସ୍ୱାଦିଷ୍ଟ ଫଳ ସେଓ ପ୍ରାଣୀଜଗତ ପ୍ରତି ଈଶ୍ୱରଙ୍କ ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ଅବଦାନ । ଏଥିରେ ଭିଟାମିନ୍ -ଏ, ଭିଟାମିନ୍ -ସି, ଇ, କେ, ବି-୧, ବି-୬, ଖଣିଜ ପୋଟାସିଅମ, କ୍ୟାଲସିଅମ, ମ୍ୟାଗ୍ନେସିଅମ, ଲୌହ, ସୋଡିୟମ ପ୍ରଭୃତି ସହ ପ୍ରଚୁର ମାତ୍ରାରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍ ରହିଥାଏ । ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହ ଏହା ଶରୀରକୁ ସୁସ୍ଥ ରଖିବାରେ ମଧ ସହାୟକ ହୁଏ । ଏହା ମଧ ଏକ ଉତ୍ତମ ଆଣ୍ଟିଅକ୍ସିଡେଣ୍ଟ ।

ମସ୍ତିଷ୍କ ଉପରେ ପଡୁଥିବା ବୟସର ପ୍ରଭାବ ହ୍ରାସ କରେ । ଏଥିରେ ଥିବା କ୍ୱାରସିଟିନ୍ କୋଷକୁ କବଚ ପରି ରକ୍ଷାକରେ । ନିୟମିତ ଖାଇଲେ କର୍କଟ ରୋଗର ଆଶଙ୍କା ହ୍ରାସ ପାଏ । ମଧୁମେହ ଟାଇପ୍-୨ ର ଆଶଙ୍କା ପ୍ରତିହତ କରେ । ଶରୀରରେ କୋଲେଷ୍ଟ୍ରଲର ମାତ୍ରା ସ୍ୱାଭାବିକ କରେ । ଯକୃତ ସୁସ୍ଥ ରଖେ ଏବଂ ରୋଗ ଓ ସଂକ୍ରମଣରୁ ରକ୍ଷା କରେ । ଦାନ୍ତ ଓ ମାଢ଼ିକୁ ମଜଭୁତ କରେ । ଅନାବଶ୍ୟକ ଓଜନ ବଢ଼ିବାକୁ ଦିଏ ନାହିଁ । ଝାଡ଼ା, କୋଷ୍ଠକାଠିନ୍ୟ ଏବଂ ଦାନ୍ତ ବ୍ୟଥା ଦୂର କରେ । ମୁହଁରେ ବାର୍ଦ୍ଧକ୍ୟଜନିତ ଭାଙ୍ଗ ଓ ଦାଗକୁ ହଟାଇବାରେ ସହାୟକ ହୁଏ । ରକ୍ତହୀନତା ଦୂର କରେ ଏବଂ ନୂତନ କୋଷିକା ସୃଷ୍ଟି କରେ ।

## କହିପାରିବେ କି ?

(୧) ଶରୀରରେ ଥିବା ଖାଦ୍ୟ ନଳୀର ଲମ୍ବ କେତେ ?

(୨) ମଣିଷ ଶରୀରରେ ମୋଟ କେତେଖଣ୍ଡ ହାଡ଼ ରହିଛି ?

(୩) ଶରୀରରେ ଥିବା କେଉଁ ପ୍ରକାରର ରକ୍ତ କୋଷ ସଂକ୍ରମଣ ସହ ଲଢ଼ିବାକୁ ସକ୍ଷମ ହୋଇଥାଏ ?

(୪) ଶରୀରର କେଉଁ ଅଂଶରେ ସବୁଠୁ କ୍ଷୁଦ୍ର ହାଡ଼ ରହିଥାଏ ?

(୫) ଶରୀରରେ କାହା ପ୍ରଭାବରେ ହାଡ଼ର ସ୍ଥାନ ବଦଳି ଯାଇପାରେ ?

(୬) ମଣିଷ ଶରୀରରେ କେତେ ପରିମାଣର ଜଳୀୟ ଅଂଶ ରହିଛି ?

(୭) ଶରୀରର କେଉଁ ସ୍ଥାନର ମାଂସପେଶୀ ସବୁଠୁ ଶକ୍ତ ?

(୮) ଶରୀରର ସବୁଠୁ ବଡ଼ ଅଙ୍ଗଭାବେ କାହାକୁ ବିବେଚନା କରାଯାଏ ?

(୯) ଶରୀରରେ ଥିବା ଡିଏନଏର ଆକାର କେଉଁଭଳି ?

(୧୦) ଉପରିଭାଗର ତ୍ୱଚାକୁ କ'ଣ କୁହାଯାଏ ?

### JUMBLE WORDS

| | | | |
|---|---|---|---|
| 1) MHPREA | = | 6) NIRSPG | = |
| 2) BOLBEW | = | 7) UNSGW | = |
| 3) CIVEO | = | 8) LATLY | = |
| 4) CLOFK | = | 9) LARLET | = |
| 5) GITAMS | = | 10) GRIFDI | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. କ୍ୟାଲସିୟମ, ୨. ଥାଇରଏଡ, ୩. ଭାରତନାଟ୍ୟମ, ୪. ଜାପାନ, ୫. ପୂର୍ଣ୍ଣିମା, ୬.ଆସାମ, ୭.ଜାପାନ, ୮. ଫୁଲକୋବି, ୯.ଆଇଲାଣ୍ଡ ପ୍ଲାଟଫର୍ମ, ୧୦. ମୁମ୍ବାଇରୁ ଥାନେ ।

***Jumble Words* ର ଉତ୍ତର :-**

(1) RATIO (2) CLANG (3) PONCHO (4) HANDLE (5) ETHIC (6) BEIGE (7) IGUANA (8) SAYING (9) STUNG (10) FURRY




# ପବ୍ଲିକ ଲାଇବ୍ରେରିରେ ପୁସ୍ତକ ଉନ୍ମୋଚନ ଉତ୍ସବ



ସମ୍ବଲପୁର: ପ୍ରଫେସର ବ୍ରଜବିହାରୀ ପଣ୍ଡା ଏବଂ ପ୍ରଫେସର ମୁରଲୀଧର ମାଝୀଙ୍କ ରଚିତ 'ବେକଓ୍ୱାର୍ଡ ରିଜିଅନ୍ ଡେଭଲପ୍‌ମେଣ୍ଟ ଇନ୍ ଇଣ୍ଡିଆ, ଦ ଓ୍ୱେଷ୍ଟର୍ଣ୍ଣ ଓଡ଼ିଶା ଏକ୍ସପେରିନ୍ସ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ସମ୍ବଲପୁର ପବ୍ଲିକ ଲାଇବ୍ରେରିରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପୁସ୍ତକ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ବିଧୁଭୂଷଣ ମିଶ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ. ନାଗାରାଜୁ, ବିପିୟୁଟି କୁଳପତି ପ୍ରଫେସର ଅମିୟ ରଥ, ଉତ୍ତରାଞ୍ଚ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ, ଆଇଆଇଏମ୍ ନିର୍ଦ୍ଦେଶକ ମହାଦେଓ ଜୟସ୍ୱାଲ, ଭିମସାର ନିର୍ଦ୍ଦେଶକ ପ୍ରଫେସର ଭାବଗ୍ରାହୀ ରଥ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକ ପ୍ରାରମ୍ଭରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ସଂଯୁକ୍ତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ ।















Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra